
୨୧-୨୭ ଜୁଲାଇ ୨୦୨୪

ସକାଳ
THE SAKALA

ରବିବାର ସିନ୍ଦୁରା

- ସିଦ୍ଧି, ସାଧୁ ଓ ଅସାଧୁ
- ବିବାଦୀୟ ଭୋଲେ ବାବା
- ରଙ୍ଗିଲା ବାବା ରାମ ରହିମ
- ପଳାତକ ଭଣ୍ଡ ବାବା ନିତ୍ୟାନନ୍ଦ
- ଜେଲରେ ଆଶାରାମ ବାପୁ
- ବିବାଦରେ ଆଧ୍ୟାତ୍ମିକ ଗୁରୁ



# ବାବା ଓ ବିବାଦ

ଦେବ ଭୂମି ଭାରତ । ଆଧ୍ୟାତ୍ମିକତାର ଏକ ପବିତ୍ର ଭୂମି । ଭାରତ ହେଉଛି ମୁନି, ଋଷି, ତପସ୍ୱୀ, ସାଧୁ, ସନ୍ଥ, ଆଧ୍ୟାତ୍ମିକ ସାଧକଙ୍କ ଜନ୍ମମାଟି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଆଧ୍ୟାତ୍ମିକତାର ସ୍ଥାନ ସ୍ୱତନ୍ତ୍ର । ସମାଜର କଲ୍ୟାଣ, ମଣିଷର ମଙ୍ଗଳ କାମନା ପାଇଁ ସର୍ବଦା ତପସ୍ୟାରତ ଭାରତୀୟ ସାଧୁ,ସନ୍ଥ । ସେଥିପାଇଁ ସାଧୁ,ସନ୍ଥ, ଆଧ୍ୟାତ୍ମିକ ଗୁରୁମାନଙ୍କୁ ଭଗବାନ ତୁଲ୍ୟ ପୂଜା କରାଯାଏ । ସେମାନଙ୍କ ମହତ୍ ଆଦର୍ଶ, ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀ ପ୍ରଭାବିତ କରିଥାଏ ଅଗଣିତ ଶ୍ରଦ୍ଧାଳୁମାନଙ୍କୁ । ସେଭଳି ସନ୍ଥମାନଙ୍କ ଜୀବନାଦର୍ଶ ଓ ଆଧ୍ୟାତ୍ମିକ ପଥକୁ ଅନୁସରଣ କରିଥାନ୍ତି ଲକ୍ଷ ଲକ୍ଷ ଅନୁଗାମୀ ।

ଭାରତରେ ଅନେକ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ବା ବାବା ରହିଛନ୍ତି । ଯେଉଁମାନେ ସମାଜ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ତେବେ ବର୍ତ୍ତମାନ ଅନେକ ଆତ୍ମଘୋଷିତ ବାବାଙ୍କ ଆବିର୍ଭାବ ହେଉଛି । ଯେଉଁ ବାବାମାନଙ୍କ ଜୀବନ ଶୈଳୀ ବେଶ୍ ବିଳାସମୟ ଓ ରଙ୍ଗିନ ମିଜାଜର । ସେମାନଙ୍କ ଭବ୍ୟ ଆଶ୍ରମକୁ ପ୍ରତିଦିନ ଶହ ଶହ ଭକ୍ତ ଓ ଅନୁଗାମୀଙ୍କ ଭିଡ଼ ଲାଗି ରହିଥାଏ । ଶହ ଶହ କୋଟି କୋଟି ଟଙ୍କାର ସଂପତ୍ତିର ମାଲିକ ସେମାନେ । ତେବେ ଏଭଳି କିଛି ବାବା, ଆଧ୍ୟାତ୍ମିକତା ନାଁରେ ଲୋକଙ୍କୁ ଭୁଆଁ ବୁଲାଇଥାନ୍ତି । ଆଉ ଅସତ୍ ଉପାୟରେ ଧନ ଉପାର୍ଜନ କରିବା ସହିତ ବିଭିନ୍ନ କୁକର୍ମରେ ଲିପ୍ତ ରହିଥାନ୍ତି । ତେବେ ସମୟ ସବୁବେଳେ ଭଲ ନଥାଏ । ଦିନେ ନା ଦିନେ ସେମାନଙ୍କ ଅସଲ ମୁଖା ଖୋଲି ଯାଇଥାଏ ।



ଅତୀତରେ ଭାରତର ବିଭିନ୍ନ ରାଜ୍ୟରେ ଏଭଳି କିଛି ଆତ୍ମଘୋଷିତ ବାବାଙ୍କ କଳାକାରନାମା ଜଣାପଡ଼ିବା ପରେ ସେମାନେ ବିବାଦ ଘେରକୁ ଚାଲି ଆସିଛନ୍ତି । କେହି କେହି ହତ୍ୟା, ଅପହରଣ ମାମଲାରେ ଜଡ଼ିତ ପୁଣି କେହି କେହି ଦୁଷ୍କର୍ମ ମାମଲାର ଅଭିଯୁକ୍ତ । ଆଉ କେହି ସରକାରୀ ଜମି ଖବରଦଖଲ, ଠକେଇ, ବିବାଦୀୟ ମନ୍ତବ୍ୟ ଦେବା ଆଦି ବିଭିନ୍ନ ଘଟଣା ପାଇଁ ବିବାଦରେ ଛନ୍ଦି ହୋଇଯାଇଛନ୍ତି । କିଛି ଦୋଷୀ ସାବ୍ୟସ୍ତ ବାବାଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଛି । ସେଭଳି କିଛି ବିବାଦୀୟ ବାବାଙ୍କ କଳାକାରନାମାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ବାବା ଓ ବିବାଦ**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**

## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖ ସନ୍ତୋଷ ପ୍ରାପ୍ତି ହେବ । ସୋମ, ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତି, କାର୍ଯ୍ୟସିଦ୍ଧି, ରାଜନୀତିରେ ସୁନାମ ପାଇବେ । ଗୁରୁ,ଶୁକ୍ରବାରରେ ପରିଶ୍ରମୀ, ସଫଳ ହେବେ । ଶନିବାରରେ ଚଳଚଞ୍ଚଳ ରହିବେ । ବ୍ୟବସାୟରେ ଲାଭବାନ ହେବେ ।

**ବୃଷ**
ରବିବାରରେ କାର୍ଯ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଦେଖାଦେବ । ସୋମ,ମଙ୍ଗଳ, ବୁଧବାରରେ କାର୍ଯ୍ୟସଫଳ,ସ୍ୱପ୍ନ ସାକାର ହେବ । ଗୁରୁ,ଶୁକ୍ରବାରରେ ସଞ୍ଚୟ, ଚଳଚଞ୍ଚଳ ରହିବେ । ଶନିବାରରେ ଦୂରଯାତ୍ରା,ବ୍ୟବସାୟରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ ।

**ମିଥୁନ**
ରବିବାରରେ ସୁଖଶାନ୍ତି, ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ସୋମ,ମଙ୍ଗଳ, ବୁଧବାରରେ ଅଶାନ୍ତି,ଦ୍ରବ୍ୟହାନି, ଆର୍ଥିକ ଚାପ ରହିବ । ଗୁରୁ,ଶୁକ୍ରବାରରେ ଅସ୍ଥିରତା, ବ୍ୟୟବୃଦ୍ଧି ହେବ । ଶନିବାରରେ ପ୍ରସନ୍ନତା,ବ୍ୟବସାୟିକ ଲାଭ ମିଳିବ ।

**କର୍କଟ**
ରବିବାରରେ ବହୁ ପରିଶ୍ରମ କରି ସଫଳତାପ୍ରାପ୍ତି, ଦୂରଯାତ୍ରା କରି ପାରନ୍ତି । ସୋମ, ମଙ୍ଗଳ,ବୁଧବାରରେ ପ୍ରସନ୍ନତା, ଅତିଥିଙ୍କ ଆଗମନ ହୋଇପାରେ । ଗୁରୁ,ଶୁକ୍ରବାରରେ ସମସ୍ୟା ଘେରରେ ରହିବେ । ଶନିବାରରେ ସୁଖସମୃଦ୍ଧି,ବ୍ୟବସାୟରେ ଉତ୍ତମ ଲାଭ ମିଳିବ ।

**ସିଂହ**
ରବିବାରରେ କାର୍ଯ୍ୟମନ୍ଥର, ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତାରେ ରହିବେ । ସୋମ, ମଙ୍ଗଳ,ବୁଧବାରରେ ପରିଶ୍ରମର ଫଳ ପ୍ରାପ୍ତି, ଆର୍ଥିକ ସୁଧାର ଆସିବ । ଗୁରୁ,ଶୁକ୍ରବାରରେ ବିଭିନ୍ନ ମାର୍ଗରୁ ଉପାର୍ଜନ କରିବେ । ଶନିବାରରେ କାର୍ଯ୍ୟହାନି, ବ୍ୟବସାୟିକ କ୍ଷତି ହୋଇପାରେ ।

**କନ୍ୟା**
ରବିବାରରେ ଅର୍ଥଚିନ୍ତା, ପଡ଼ୋଶୀଙ୍କ ସହ ମନାନ୍ତର ରହିବ । ସୋମ,ମଙ୍ଗଳ, ବୁଧବାରରେ କାର୍ଯ୍ୟଦକ୍ଷ, ଉଚ୍ଚସମ୍ମାନ ପ୍ରାପ୍ତି ହେବ । ଗୁରୁ,ଶୁକ୍ରବାରରେ ବନ୍ଧୁ ସହଯୋଗ, ଅର୍ଥିକ ଯୋଜନା ଫଳପ୍ରସୂ ହେବ । ଶନିବାରରେ ପ୍ରତିକୂଳ ପରିସ୍ଥିତି,ବ୍ୟବସାୟିକ ସମସ୍ୟା ରହିବ ।

**ତୁଳା**
ରବିବାରରେ କର୍ମତତ୍ପର, ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ସୋମ,ମଙ୍ଗଳ ବୁଧବାରରେ ଦ୍ରବ୍ୟାଦି ଲାଭ, ଆର୍ଥିକ ଉନ୍ନତି ହେବ । ଗୁରୁ, ଶୁକ୍ରବାରରେ ଶତ୍ରୁବୃଦ୍ଧି, ଚୌରାଦି ଭୟ ଦେଖାଦେଇପାରେ । ଶନିବାରରେ ଅସହଯୋଗ ଓ ବ୍ୟବସାୟ ମନ୍ଥର ରହିବ ।

**ବିଛା**
ରବିବାରରେ ସ୍ୱାଦିଷ୍ଟ ଭୋଜନ ଓ ସୁଖଶାନ୍ତି ପ୍ରାପ୍ତି । ସୋମ, ମଙ୍ଗଳ,ବୁଧବାରରେ ଆର୍ଥିକ ଚାପ, ବନ୍ଧୁମନାନ୍ତର ଦେଖାଦେବ । ଗୁରୁ,ଶୁକ୍ରବାରରେ ସୁଖସମ୍ମାନ, କାର୍ଯ୍ୟସିଦ୍ଧି ହେବ । ଶନିବାରରେ ପ୍ରଶଂସାଭାଜନ,ବ୍ୟବସାୟିକ ସଫଳତା ମିଳିବ ।

**ଧନୁ**
ରବିବାରରେ ଶତ୍ରୁବୃଦ୍ଧି, କାର୍ଯ୍ୟହାନି, ଚିନ୍ତିତ ରହିବେ । ସୋମ, ମଙ୍ଗଳ ,ବୁଧବାରରେ ସମସ୍ୟା ବହୁଳ, ବିରୋଧାଭାସ ଦେଖାଦେବ । ଗୁରୁ,ଶୁକ୍ରବାରରେ ସୁଖସମ୍ମାନ, ଉତ୍ତମ ଆୟ ହେବ । ଶନିବାରରେ ଉଚ୍ଚାଭିଳାଷୀ, ବ୍ୟବସାୟିକ ଉନ୍ନତି ହେବ ।

**ମକର**
ରବିବାରରେ ଚଳଚଞ୍ଚଳ, ଭ୍ରମଣ କରିବାର ସୁଯୋଗ ପାଇବେ । ସୋମ, ମଙ୍ଗଳ,ବୁଧବାରରେ କୌଣସି ବିଷୟକୁ ନେଇ ଚିନ୍ତା, କାର୍ଯ୍ୟମନ୍ଥର ରହିବ । ଗୁରୁ,ଶୁକ୍ରବାରରେ ଦୃଢ଼ମନା, ଅର୍ଥପ୍ରାପ୍ତି ହୋଇପାରେ । ଶନିବାରରେ ସୁଖସମ୍ମାନ ପ୍ରାପ୍ତି, ବ୍ୟବସାୟରୁ ସନ୍ତୋଷଜନକ ଫଳ ମିଳିବ ।

**କୁମ୍ଭ**
ରବିବାରରେ ସାମର୍ଥ୍ୟ ଅନୁଯାୟୀ ଉନ୍ନତି, ଭ୍ରାତୃଭଗ୍ନୀଙ୍କ ସହଯୋଗ ମିଳିବ । ସୋମ,ମଙ୍ଗଳ,ବୁଧବାରରେ ଚଳଚଞ୍ଚଳ, ଉତ୍ତମ ବୁଝାମଣା ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାଜନକ ପରିସ୍ଥିତି ରହିବ । ଶନିବାରରେ ଅର୍ଥପ୍ରାପ୍ତି,ବ୍ୟବସାୟିକ ସଫଳତା ମିଳିବ ।

**ମୀନ**
ରବିବାରରେ ଉଚ୍ଚଆଶା ସଫଳ ହେବ । ସୋମ,ମଙ୍ଗଳ,ବୁଧବାରରେ ବ୍ୟସ୍ତତା, ଦୂରଯାତ୍ରା, କର୍ମକ୍ଷେତ୍ରରେ ସହଯୋଗ ପାଇବେ । ଗୁରୁ,ଶୁକ୍ରବାରରେ ହର୍ଷୋଲ୍ଲାସ,ସାଂସ୍କୃତିକ ପରିବେଶରେ ଯୋଗ ଦେଇପାରନ୍ତି । ଶନିବାରରେ ଉଦାରତା, ସମସ୍ୟା, ବ୍ୟବସାୟ ମାନ୍ଦା ରହିବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com






'ସିଦ୍ଧି' ଓ 'ସାଧୁ' ଦୁଇଟି ଶବ୍ଦ ଭିତରେ ଯେତିକି ସାମଞ୍ଜସ୍ୟ, ସେତିକି ରହସ୍ୟ । ବ୍ୟକ୍ତି ସିଦ୍ଧି ପାଇଁ କଠୋର ତପସ୍ୟା କରେ । ସିଦ୍ଧି ପ୍ରାପ୍ତି ପରେ ସମାଜ କଲ୍ୟାଣ ଦିଗରେ ନିଜର ଅସୀମ ଶକ୍ତିକୁ ବିନିଯୋଗ କରେ । ସମାଜର ବିକାଶରେ ସିଦ୍ଧି ଶକ୍ତିକୁ ବିନିଯୋଗକ୍ରମରେ ଜନମାନସରେ ସେ ପାଲଟି ଯାଏ ସାଧୁ । ତାଙ୍କ ଶକ୍ତି ଓ ଜନକଲ୍ୟାଣ ଧର୍ମୀ ମାନସିକତା ପାଇଁ ଧର୍ମ ଭୀରୁ ଭାରତୀୟ ଲୋକେ କ୍ରମଶଃ ତାଙ୍କୁ ପୂଜା କରିବାକୁ ଆରମ୍ଭ କରନ୍ତି । ସମୟାନ୍ତରେ ସେ ପାଲଟିଯାଆନ୍ତି ଚଳନ୍ତି ଭଗବାନ । ସେଠୁ ଲମ୍ବିଯାଏ ଆହୁରି ଅନେକ ଅନେକ କାର୍ଯ୍ୟକ୍ରମ ।

# ସିଦ୍ଧି, ସାଧୁ ଓ ଅସାଧୁ







ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

'ସାଧୁ' ଶବ୍ଦର ସରଳ ଅର୍ଥ ହେଲା ସଜ୍ଜନ ବ୍ୟକ୍ତି । ସଂସ୍କୃତରେ କହିବାକୁ ଗଲେ 'ସାଧନ୍ତି ପରକାର୍ଯ୍ୟମିତି ସାଧୁଃ' ଅର୍ଥାତ୍ ଯିଏ ପର ବ୍ୟକ୍ତିର କାର୍ଯ୍ୟ କରିପାରେ ସେ ସାଧୁ। ବର୍ତ୍ତମାନ ସ୍ଥିତିରେ ଯିଏ ସନ୍ନ୍ୟାସୀ ଦୀକ୍ଷା ନେଇ ଗେରୁଆ ବସ୍ତ୍ର ଧାରଣ କରେ ସାଧାରଣତଃ ତାଙ୍କୁ ସାଧୁ ବା ସନ୍ନ୍ୟାସୀ ବୋଲାଯାଏ। ତେବେ ଭାରତରେ ସିଦ୍ଧି ପୁରୁଷଙ୍କ ଲମ୍ବା ତାଲିକା । ବହୁ ପୁରାତନ କାଳରୁ ସମାଜକୁ ମାର୍ଗଦର୍ଶନ ପାଇଁ ସନ୍ନ୍ୟାସୀ ତଥା ସାଧୁଗଣଙ୍କ ଆବିର୍ଭାବ ଘଟିଥିଲା। ବହୁ ପୁରାଣରେ ଅନେକ ଯୋଗୀ, ତପୀ, ସନ୍ନ୍ୟାସୀ, ଋଷି, ମହର୍ଷିଙ୍କ କାହାଣୀ ରହିଛି। ଯାହାଙ୍କ ମାର୍ଗଦର୍ଶନରେ ସମାଜ ପରିଚାଳିତ ହେଉଥିଲା। ସ୍ୱୟଂ ଭାଗବନରୂପୀ ଅବତାରୀ ପୁରୁଷମାନେ ମୁନି ଋଷି, ଋଷିଗଣଙ୍କୁ ପ୍ରଣିପାତ କରୁଥିଲେ । ଆଶିଷ କାମନା କରୁଥିଲେ। ବିଭିନ୍ନ ସମସ୍ୟାରୁ ମୁକୁଳିବା ଲାଗି ଜ୍ଞାନ ଗ୍ରହଣ କରୁଥିଲେ । ଅସୁର ଓ ଦେବତଗଣଙ୍କ ମଧ୍ୟରେ ସଂଘର୍ଷ। ସଂଘର୍ଷରେ ଅସୁରମାନେ ଋଷିଗଣଙ୍କୁ ପ୍ରମୁଖ ଆୟୁଧ କରି ଆକ୍ରମଣ କରିଥିବା କଥା କାହାଣୀରେ ରହିଛି। ଏକଥା ବି ସତ ଯେ ରାଜତନ୍ତ୍ର ସମୟରେ ଘଞ୍ଚ ଜଙ୍ଗଲ ଭିତରେ ତପସ୍ୟାରତ ଋଷିଗଣଙ୍କ ଆଶ୍ରମ ଥିଲା ଶିକ୍ଷା, ଜ୍ଞାନ ଓ ସଚେତନତାର ପ୍ରମୁଖ କେନ୍ଦ୍ର। ଏଇଠୁ ସମାଜ ଗଠନର ପ୍ରକ୍ରିୟା ଆରମ୍ଭ ହେଉଥିଲା। ଶାସନ, ପ୍ରଶାସନ, ତାରଣ, ମାରଣ, ଉଦ୍ଧାରଣ, ଯୁଦ୍ଧ ବିଦ୍ୟା, ତନ୍ତ୍ର ବିଦ୍ୟା, ଶାସ୍ତ୍ର,ତର୍କ, ସଙ୍ଗୀତ, ସଂସ୍କାର ଆଦି ବିବିଧ ଦିଗରେ ଋଷିକୁଳରେ ରହୁଥିବା ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ପ୍ରଦାନ କରାଯାଉଥିଲା। ଏଇ ଆଶ୍ରମ ହିଁ ଅର୍ଜୁନ, ଭୀମ, ଦୁର୍ଯ୍ୟୋଧନଙ୍କଠାରୁ ଆରମ୍ଭ କରି ଏକଲବ୍ୟଙ୍କ ଭଳି ପ୍ରତିଭାଙ୍କ ସାମଗ୍ରିକ ବିକାଶର ଏନ୍ତୁଡ଼ିଶାଳ। ଗୌତମଙ୍କ ସିଦ୍ଧି ଲାଭ ହେଉ ଅବା ରାମଙ୍କ ବନବାସ, ପଞ୍ଚୁପାଣ୍ଡବଙ୍କ ଅନେକ ଜୀବନ କଟିଛି ଜଙ୍ଗଲର ଆଶ୍ରମ ଭିତରେ । ଚରକ ଓ ଚରକ ସଂହିତାର ଜନ୍ମ ଏଇ ଆଶ୍ରମ ତତ୍ତ୍ୱରୁ। ଏଇ କାରଣରୁ ରାଜା ମନ୍ତ୍ରୀଙ୍କ ପୁତ୍ରମାନଙ୍କୁ ଯୋଗ୍ୟ କରି ଗଢ଼ି ତୋଳିବା ଲାଗି ଋଷି ଆଶ୍ରମ ଶ୍ରେଷ୍ଠ ସ୍ଥଳୀ ଥିଲା । ଏମିତି ଅନେକ କଥା ଓ କିମ୍ବଦନ୍ତୀ ଭିତରେ ଆଶ୍ରମ ଓ ସାଧୁଙ୍କ ଜୀବନଚର୍ଯ୍ୟା ରହିଛି । ବିଭିନ୍ନ ଯୁଗରେ ସାଧୁ ସନ୍ୟାସୀଙ୍କ ଉପସ୍ଥିତି ହେତୁ ଅନେକ ଘଟଣା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି । ସାଧୁ ଶାନ୍ତ ଥିଲେ କେତେ ଶୁଭଙ୍କର ଓ ସାଧୁ ଅଶାନ୍ତ ହେଲେ କେଡ଼େ ଭୟଙ୍କର, ସେସବୁ କିମ୍ବଦନ୍ତୀ ଆଜି ବି ଜନମାନସରେ ଜୀବନ୍ତ ହୋଇ ରହିଆସିଛି ପିଢ଼ି ପରେ ପିଢ଼ି। ପ୍ରକୃତିକୁ ନିୟନ୍ତ୍ରଣ କରିବା ଆଗତ ଭବିଷ୍ୟତକୁ ଆକଳନ କରିବାର ଦକ୍ଷତା ସାଧୁ ସନ୍ନ୍ୟାସୀଙ୍କ ଭିତରେ ଥିଲା ବୋଲି କଥା କିମ୍ବଦନ୍ତୀରୁ ଜଣାଯାଏ। ତପସ୍ୱୀ ହେବା ବି ସହଜ ନୁହେଁ। ସେସମୟରେ ନିର୍ଦ୍ଧାରିତ ଚାରିକାଳ ଭିତରୁ ବାନପ୍ରସ୍ଥ ଜୀବନର ଶେଷ ମାର୍ଗ ବୋଲି ବିବେଚନା କରାଯାଉଥିଲା ଏବଂ ଏହାକୁ ଅନୁସରଣ ମଧ୍ୟ କରାଯାଉଥିଲା। ସାଂସାରିକ ବନ୍ଧନରୁ ମୁକ୍ତି ହୋଇ ଶେଷ ଜୀବନ ତପସ୍ୟା ଭିତରେ ମଗ୍ନ ରହିବା ହିନ୍ଦୁ ଶାସ୍ତ୍ରର ଅନେକ ସ୍ଥାନରେ ଆଲୋଚନା ରହିଛି ।

ଏସବୁ ସତ୍ତ୍ୱେ ଜଣେ ମଣିଷ ସାଧୁ ବା ସନ୍ନ୍ୟାସୀ ହେବା ଏତେ ସହଜ ନୁହେଁ । ସବୁ ମାୟା ବନ୍ଧନରୁ ମୁକ୍ତ ହୋଇ ଏକ ସରଳ ଓ ନିରାଡମ୍ବର ଜୀବନ ଜିଇଁବାର କାମନା ଏକ କଠୋର ପଦକ୍ଷେପ। ପ୍ରତିଟି ମଣିଷ ନିକଟରେ ସମ୍ଭବ ନୁହଁ । ସନ୍ନ୍ୟାସୀ ହେବା ପୂର୍ବଜନ୍ମର ଫଳ ବୋଲି ହିନ୍ଦୁ ମତବାଦୀଙ୍କ ବିଶ୍ୱାସ। ଭାରତୀୟ ଭଳି ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଅନେକ ସାଧୁ ସନ୍ନ୍ୟାସୀ, ମୌଲାବୀ, ଫାଦର, ଲାମା, ଜୈନଙ୍କର,ଗୁରୁ ଭଳି ଅନେକ ନାମ ରହିଛି । ଏମାନେ ପର୍ଯ୍ୟାୟକ୍ରମରେ ନିଜ ନିଜର ଧାର୍ମିକ ଅନୁଗାମୀଙ୍କୁ ମାର୍ଗଦର୍ଶନ କରି ଆସୁଛନ୍ତି।

ସଂପ୍ରତି ଏକ ପରିସଂଖ୍ୟାନରୁ ଜଣାଯାଏ ଭାରତରେ ପ୍ରାୟ ୪୦ ଲକ୍ଷ ସାଧୁ ରହିଛନ୍ତି । ଧର୍ମକୁ ଆଧାର କରି ଧାର୍ମିକ ମାର୍ଗଦର୍ଶକଙ୍କୁ ଗୁରୁ ବା ସନ୍ନ୍ୟାସୀ ରୂପେ ବିଶ୍ୱାସ କରି ଆସିଛନ୍ତି ସମ୍ପୃକ୍ତ ଧାର୍ମିକ ଭକ୍ତମାନେ। ଅପରପକ୍ଷେ ଧର୍ମ ଭିତରେ ବି ଅନେକ ମତାବଲମ୍ବୀ ଅଛନ୍ତି। ସେମାନେ ବହୁଧା ଭାବରେ



ବିଭକ୍ତ। ପୁନଶ୍ଚ ମତାବଲମ୍ବୀ ମଧ୍ୟରେ ନିର୍ଦ୍ଦିଷ୍ଟ କଳ୍ପ ବା କଲ୍‌ଟକୁ ନେଇ ବିଭକ୍ତିକରଣ। ଏସବୁର ପ୍ରମୁଖ ବ୍ୟକ୍ତିଗଣ ସେମାନଙ୍କ ଅନୁଗାମୀଙ୍କ ପାଇଁ ଗୁରୁ, ବାବା, ସାଧୁ ଇତ୍ୟାଦି । ସେମାନଙ୍କ ଅନୁଚିନ୍ତାକୁ ନେଇ ଜୀବନ ନିର୍ବାହ କରନ୍ତି। ଲକ୍ଷ ଲକ୍ଷ ଅନୁଗାମୀମାନେ ସେମାନଙ୍କ ଗୁରୁଙ୍କୁ ଭଗବାନର ସ୍ଥାନ ଦେଇଦିଅନ୍ତି ସହଜରେ। ସେଇଠୁ ପିଣ୍ଡିର ଆରମ୍ଭ। ପିଣ୍ଡିରୁ ପୀଠ। ପୀଠରୁ ଆଶ୍ରମ। ଆଶ୍ରମରୁ ବହୁ ଆଶ୍ରମ। ଅନେକ ଶାଖା। ତା'ପରେ ବ୍ୟବସାୟ। ଆୟୁର୍ବେଦ ସାମଗ୍ରୀଠାରୁ ଆରମ୍ଭ କରି ବହୁ ସୌଖୀନ ସାମଗ୍ରୀର ବିପୁଳ ବ୍ୟବସାୟ ।

ଭାରତୀୟଙ୍କ ଭିତରେ ଏଇ ପ୍ରବଣତାର ଅନେକ କାରଣ । ପ୍ରଥମତଃ ଧାର୍ମିକ ଅନୁଚିନ୍ତା । ଧର୍ମ ନାମରେ ଲୋକଙ୍କ ଭିତରେ ଏକ ପ୍ରାଣକୁ ଜୀବନ୍ତ କରି ରଖିବାର ଚେଷ୍ଟା । ସେଥିରେ ନିରୀହ ଜନତା ଶିକାର ହୁଅନ୍ତି। ଲୋକଙ୍କ ଆର୍ଥିକ ଅନଟନ ଓ ଅଶିକ୍ଷାର ପ୍ରଭାବ। ରାତାରାତି ଧନୀ ହେବାର ସ୍ୱପ୍ନ ଓ ଅସାଧ୍ୟ ସାଧନର ଅହେତୁକ କାମନା ମଣିଷକୁ ବିପଥଗାମୀ କରାଉଛି। କର୍ମବାଦକୁ ବିଶ୍ୱାସ ନ କରି ତନ୍ତ୍ର ମନ୍ତ୍ର ଉପରେ ଅଧିକ ବିଶ୍ୱାସ ହେତୁ କିଛି ଲୋକ ରାତାରାତି ଗୁରୁ ପାଲଟିଯାନ୍ତି। ଖ୍ୟାତି ବଢ଼ିଯାଏ। ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି ପାଏ। ଅନୁଗାମୀ ସଂଖ୍ୟା ବୃଦ୍ଧି ହେତୁ ରାଜନୈତିକ ପୃଷ୍ଠପୋଷକ ମିଳିଯାଏ ସହଜରେ। ତେଣିକି ବାବା ବା ଗୁରୁଙ୍କ ଭାଉ କାହିଁରେ କ'ଣ ବଢ଼ିଯାଏ! ସେଇଠୁ ଦୁର୍ନୀତି, ଅସଦାଚରଣ ଭଳି ବହୁ ବେଆଇନ କାମରେ ସମ୍ପୃକ୍ତ ହୋଇ ଯାଆନ୍ତି ତଥାକଥିତ ଆତ୍ମଘୋଷିତ ବାବା ଓ ଗୁରୁମାନେ । ପ୍ରବଳ ଶକ୍ତି, ଅର୍ଥ ବଳ ଆଦି ଦୃଷ୍ଟିରୁ ବହୁ ଘଟଣା ଅଘଟଣା ଦବିଯାଏ । ଆଉ କିଛି ସର୍ବସାଧାରଣରେ ଆଲୋଚିତ ହୁଏ । ଭଣ୍ଡ ବାବାଙ୍କ କାରନାମା ସମସ୍ତଙ୍କୁ ଚକିତ କରେ । ତଥାକଥିତ ବାବା ଅଥବା ଗୁରୁ ଆଇନରେ ଦଣ୍ଡିତ ହୁଏ। ନିକଟରେ ହାଥରସ୍‌ରେ ଏକ ପ୍ରବଚନ କାର୍ଯ୍ୟକ୍ରମ ପରେ ଦଳାଚକଟାରେ ଶତାଧିକ ଲୋକଙ୍କ ପ୍ରାଣ ଯିବା ଅତ୍ୟନ୍ତ ଦୁଃଖଦାୟକ। ଏହି ଘଟଣାରେ ବିବାଦ ଘେରକୁ ଟାଣି ହୋଇଆସିଛନ୍ତି ପ୍ରବଚକ ଭୋଲେ ବାବା। ସେହିପରି ଅତୀତରେ ଆଧ୍ୟାତ୍ମିକ ଗୁରୁ ଆଶାରାମ ବାପୁ, ଗୁରମିତ ରାମ ରହିମ, ସନ୍ଥ ରାମପାଲ, ନିର୍ମଳ ବାବା, ଓମ୍ ବାବା, ସ୍ୱାମୀ ନିତ୍ୟାନନ୍ଦ, ଜୟେନ୍ଦ୍ର ସରସ୍ୱତୀଙ୍କ ଭଳି ଅନେକ ବାବାଙ୍କ ନାଁରେ ଆସିଥିଲା ସଙ୍ଗିନ ଅଭିଯୋଗ। ଫଳରେ ଏହି ବାବାମାନେ ବିବାଦୀୟ ହୋଇପଡ଼ିଥିଲେ। ଓଡ଼ିଶାରେ ସାରଥି ବାବା, ସୁର ବାବା, ବାନା ବାବାଙ୍କ ଭଳି କେତେ ଜଣ ବାବା ମଧ୍ୟ ବିଭିନ୍ନ କାରଣ ପାଇଁ ବିବାଦରେ ଛନ୍ଦି ହୋଇପଡ଼ିଥିଲେ। ଏହି ବାବାଙ୍କ ମଧ୍ୟରୁ ଅନେକ ଗିରଫ ହୋଇ ଜେଲ ମଧ୍ୟ ଯାଇଛନ୍ତି।

ଆମ ଦେଶରେ ଅନେକ ସାଧାରଣ ଲୋକ ବାବା ଓ ଗୁରୁ ହୋଇଥିବାର ବହୁ ଦୃଷ୍ଟାନ୍ତ ଅଛି। ପ୍ରବଚକ, ଯୋଗ ସାଧକ, ଧର୍ମ ପ୍ରଚାରକ, ତାନ୍ତ୍ରିକ, ଯାଦୁକର ଭଳି କିସମର ବ୍ୟକ୍ତି ପରବର୍ତ୍ତୀ ସମୟରେ ମହାପୁରୁଷ ପାଲଟି ଯାଇଛନ୍ତି। ତନ୍ତ୍ର ବିଦ୍ୟାର ଆକର୍ଷଣରେ ସମାଜର ତଳ ଓ ମଧ୍ୟମବର୍ଗର ଲୋକ ସହଜରେ ଛନ୍ଦି ହୋଇ ଯାଆନ୍ତି ଏଇ ଭଣ୍ଡ ବାବାଙ୍କ ପାଲାରେ। ଅବଶ୍ୟ ବହୁ ରାଜନେତା, ସେଲିବ୍ରିଟି ଓ ଧନୀଶ୍ରେଣୀର ଲୋକ ବି ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ଶରଣ ପଶିଥାନ୍ତି ଏଇ ଭଣ୍ଡ ବାବାଙ୍କ ନିକଟରେ। କେବେ କେବେ ବଳି ପାଇଁ ଚର୍ଚ୍ଚିତ ହୋଇଛନ୍ତି କିଛି ବାବା। ଆଉ କିଛି ବାବା ଓ ମାତାଜୀ ନିଜର ରଙ୍ଗିନ ଆନ୍ଦାଜ ଓ ଭିନ୍ନ କାର୍ଯ୍ୟକଳାପ ପାଇଁ ବେଶ୍ ଚର୍ଚ୍ଚିତ ହୋଇଛନ୍ତି । ଏମାନଙ୍କର ଦରବାର ବସେ। ଏଇ ବାବା କିମ୍ବା ମାତାଜୀଙ୍କ ଶରଣକୁ ଅସହାୟ ଲୋକେ ଯାଆନ୍ତି। ଭେଳିକି କରନ୍ତି ଏମାନେ। ଭୋଳି ଯାଆନ୍ତି ଅନ୍ଧ ଭକ୍ତମାନେ। ଭାଗ୍ୟ ହେଉ ଅବା କାକତାଳୀୟ ନୀତିରେ କାହାର କିଛି ଶୁଭ ହୋଇଗଲେ । 'ତିନି ତୁଣ୍ଡରେ ଛେଳି କୁକୁର' ନ୍ୟାୟରେ ଯଶ ଗାନ ଆରମ୍ଭ ହୁଏ । ତେଣିକି ବିଜ୍ଞାପନ ଚାଲେ । ସେଇଠୁ ଆରମ୍ଭ ହୁଏ ବ୍ୟବସାୟୀକରଣ । କିଛି ବ୍ୟବସାୟ ନଥାଇ କୋଟି କୋଟି ଦାନ ମିଳେ। ରାଜକୀୟ ଆଶ୍ରମ ଆରମ୍ଭ ହୁଏ । ସେଠି ଯୌନ କେଲେଙ୍କାରୀଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ କୁକର୍ମ ସବୁ ଚାଲେ। ତଥାପି କ୍ଷମତା ଅଳିନ୍ଦର ଆଶୀର୍ବାଦରେ ଆଶ୍ରମକୁ ଛୁଇଁ ପାରେନି ଆଇନ ଅନେକ ସମୟରେ। ତା'ରି ଭିତରେ ବି ବହୁ ବାବା ଆଇନ ଭିତରେ ଛନ୍ଦି ହୁଅନ୍ତି । ଅପରାଧିକ ମାମଲାରେ ଜେଲ ଯାଇଛନ୍ତି ।

ଆମ ଗାଁଗହଳିରେ ଆଉ ଏକପ୍ରକାର ସାଧୁ ବି ଦେଖାଯାନ୍ତି । ଗୁଣିଆ କର୍ମରେ ଲିପ୍ତ କିଛି ବ୍ୟକ୍ତି ନିଜର ନିଆରା ଭେକ ଧାରଣ ପୂର୍ବକ ଗୁରୁ ବୋଲି କହନ୍ତି । ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାରେ ଭୟଭୀତ କରାଇ ଲୁଟିଥାନ୍ତି ଓ କୁକର୍ମରେ ଲିପ୍ତ ରୁହନ୍ତି। ତାବିଜ, ପଥର ଓ ଯନ୍ତ୍ର ନାମରେ ବ୍ୟବସାୟ କରନ୍ତି । ଜନଜାତି ଇଲାକାରେ ଗୁଣି ସନ୍ଦେହରେ ଅନେକଙ୍କୁ ହତ୍ୟା କରାଯାଉଛି । ଲୋକଙ୍କ ଭିତରେ ଅନ୍ଧବିଶ୍ୱାସ ଜାଗ୍ରତ କରି ମତିଭ୍ରମ କରିବା ଏଇ ଭଣ୍ଡ ଗୁରୁଙ୍କ ପ୍ରମୁଖ ଆଚରଣ ଓ ଉଚ୍ଚାରଣ ପାଲଟିଛି ।





ସିଦ୍ଧି ଓ ସାଧୁଙ୍କୁ ଚିହ୍ନିବାରେ ଆମମାନଙ୍କ ଚରମ ବ୍ୟର୍ଥତା ଅସମୟରେ ଅନେକ କୁଜନ ଭଗବାନର ସ୍ଥାନ ଦଖଲ କରି ନେଉଛନ୍ତି । ସମଗ୍ର ସାଧୁସନ୍ଥ ସମାଜକୁ ବଦନାମ କରି ଦେଉଛନ୍ତି। ଏସବୁ ସତ୍ତ୍ୱେ ମହାଭାରତୀୟ ସଂସ୍କୃତିରୁ ଭାରତୀୟ ସଂସ୍କୃତି ଯାଏଁ ଅନେକ ସାଧୁସନ୍ଥଙ୍କ ଭବ୍ୟ ଉପସ୍ଥିତି, ଦିବ୍ୟ ଚେତନା, ଅଲୌକିକ ଜ୍ଞାନ ଦର୍ଶନ ଓ ସତର୍କବାଣୀ ଆମ ମହାନ ଭାରତୀୟ ସଂସ୍କୃତିକୁ ବିଶ୍ୱ ବିଜୟୀ କରିପାରିଛି। ଚିକାଗୋରେ ସ୍ୱାମୀ ବିବେକାନନ୍ଦଙ୍କ ବିଚକ୍ଷଣ ଧାର୍ମିକ ବକ୍ତବ୍ୟ, ସନ୍ଥ ଭୀମ ଭୋଇଙ୍କ ବାଣୀ, ମହାତ୍ମାଙ୍କ ତତ୍ତ୍ୱ ଭଳି ବହୁ ବିରଳ ଘଟଣା ଭାରତର ଧାର୍ମିକ ଚେତନାକୁ ବିଶ୍ୱ ବିଜୟୀ କରାଇ ପାରିଛି । ବିଶ୍ୱ ଏବେ ବି ଭାରତର ମହାନ ସଂସ୍କୃତି ନିକଟରେ ନତମସ୍ତକ । ଯୁଗେ ଯୁଗେ ଭାରତୀୟମାନେ ଦିବ୍ୟକୃପା ବଳରେ ବିଶ୍ୱସ୍ତରରେ ଦେଶକୁ ଗୌରବାନ୍ୱିତ କରିଛନ୍ତି । କିନ୍ତୁ କିଛି ଭଣ୍ଡ, ଅସାଧୁ, ନୀତିହୀନ, ନଷ୍ଟ ଚରିତ୍ର ଓ ଅସମାଜିକ ତତ୍ତ୍ୱଙ୍କ ଅସାଧୁ କର୍ମ ପାଇଁ ସମଗ୍ର ଜାତି ତଥା ମହାନ ସାଧୁ ପରମ୍ପରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ସମୟ ସମୟରେ । ■

ଇନ୍ଦିରା ନଗର ଚତୁର୍ଥ ଗଳି, ରାୟଗଡ଼ା - ୭୬୫୦୦୧
ମୋ : ୯୪୩୭୯୦୯୬୭୧

# ବିବାଦୀୟ ଭୋଲେ ବାବା

## ଆଶ୍ରମ ବାହାରେ ଚମତ୍କାରୀ ହ୍ୟାଣ୍ଡପମ୍ପ୍

ହାଥରସ ଟ୍ରାଜେଡି ପରେ ଭୋଲେ ବାବାଙ୍କୁ ନେଇ ଗୋଟିଏ ପରେ ଗୋଟିଏ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି । ନାରାୟଣ ସାକାର ହରି ଓରଫ୍ ଭୋଲେ ବାବାଙ୍କ ଜନ୍ମସ୍ଥାନ କାଶଗଞ୍ଜର ପଟିୟାଲି ଅଞ୍ଚଳର ବାହାଦୁର ନଗରରେ । ସେଠାରେ ଭୋଲେ ବାବାଙ୍କ ରହିଛି ସୁଦୃଶ୍ୟ ଆଶ୍ରମ । ଯେଉଁ ଆଶ୍ରମକୁ ପ୍ରତିଦିନ ଶହ ଶହ ଅନୁଗାମୀଙ୍କ ଯାତାୟାତ ଲାଗି ରହିଥାଏ । ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଶ୍ରମ ବାହାରେ ଥିବା ୮ ଗୋଟିଏ ହ୍ୟାଣ୍ଡପମ୍ପ୍ । ଏହି ହ୍ୟାଣ୍ଡପମ୍ପ୍‌ରେ କିଛି ଚମତ୍କାରିତା ଥିବା ତାଙ୍କ ଅନୁଗାମୀ କୁହନ୍ତି । ଏହାର ପାଣି ପିଇଲେ ରୋଗ ଭଲ ହୋଇଯାଏ ବୋଲି କହନ୍ତି । ଏହି ପାଣିରେ କିଛି ଚମତ୍କାରିତା ରହିଛି । ଏହା ଅମୃତ ସମାନ ବୋଲି କୁହାଯାଏ । ତେବେ ଏଭଳି ଚମତ୍କାରିତା ଖବରକୁ ସ୍ଥାନୀୟ ଲୋକେ ଖଣ୍ଡନ କରିଛନ୍ତି । ଏଥିରେ କୌଣସି ଚମତ୍କାରିତା ନାହିଁ, ବରଂ ଆଶ୍ରମକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାନୀୟ ଜଳର ସୁବିଧା ପାଇଁ ଏହି ହ୍ୟାଣ୍ଡପମ୍ପ୍ ତିଆରି କରାଯାଇଛି ବୋଲି କୁହନ୍ତି ।





## ସୁରଜ ପାଲ ସିଂହରୁ ଭୋଲେ ବାବା

ସୁରଜ ପାଲ ସିଂହ ଓରଫ୍ ନାରାୟଣ ସାକାର ହରି । ବୟସ ୭୦ ବର୍ଷ । ଉତ୍ତର ପ୍ରଦେଶର କାଶଗଞ୍ଜ ପଟିୟାଲି ଥାନା ଅନ୍ତର୍ଗତ ବାହାଦୁର ନଗର ବାସିନ୍ଦା । ସୁରଜ ପାଲ ସିଂହ ଏବେ ଭୋଲେ ବାବା ନାମରେ ପ୍ରସିଦ୍ଧ । ସୁରଜ ପାଲ ସିଂହ କେମିତି ପାଲଟିଗଲେ ଭୋଲେ ବାବା, ତାକୁ ନେଇ ଚର୍ଚ୍ଚା ଲାଗିରହିଛି । ପ୍ରଥମେ ସୁରଜ ପାଲ ସିଂହ ପୋଲିସ କନେଷ୍ଟବଳ ଭାବେ ଚାକିରି କରୁଥିଲେ । ପ୍ରାୟ ୨୮ ବର୍ଷ ପୂର୍ବରୁ ଏକ ପ୍ରତାରଣା ଅଭିଯୋଗରେ ଚାକିରିରୁ ତାଙ୍କୁ ବହିଷ୍କାର କରାଯାଇଥିଲା । ତାଙ୍କୁ ଜେଲ ମଧ୍ୟ ହୋଇଥିଲା । ଜେଲରୁ ବାହାରିବା ପରେ ସେ ଏକ ଭିନ୍ନ ରୂପରେ ଲୋକଙ୍କ ସାମ୍ନାକୁ ଆସିଲେ । ସେ ନିଜକୁ ଜଣେ ବାବା ଭାବରେ ପରିଚୟ ଦେବାକୁ ଆରମ୍ଭ କଲେ । ପ୍ରଥମେ ସେ ପ୍ରବଚନ ଦେବା ଆରମ୍ଭ କଲେ । ନିଜ କଠୋରିରେ ଥିବା ବେଳେ ସୁରଜ ପାଲ ନିଜକୁ ଭୋଲେ ବାବା, ଭଗବାନ ବିଷ୍ଣୁ ବୋଲି କହନ୍ତି । ପ୍ରଥମେ ପ୍ରଥମେ ଭୋଲେ ବାବାଙ୍କ ପ୍ରବଚନରେ ୧୦୦ରୁ ୧୫୦ ଲୋକ ଉପସ୍ଥିତ ରହୁଥିଲେ । ଯେତେବେଳେ ସେ ମଞ୍ଚରେ ବସୁଥିଲେ କିଛି ନା କିଛି କହିବା ଆରମ୍ଭ କରିଦେଉଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଚମତ୍କାରିତା ସଂପର୍କରେ ପ୍ରଚାର ଆରମ୍ଭ ହେବାକୁ ଲାଗିଲା । ଧୀରେ ଧୀରେ ଭକ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଲା ବୋଲି ତାଙ୍କର ବନ୍ଧୁ ନାଜର ସିଂହ କହନ୍ତି । ଯେଉଁଠି ଭୋଲେ ବାବାଙ୍କ ସତ୍‌ସଙ୍ଗ ହେଉଥିଲା ସେଠାରେ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ । ବାବାଙ୍କ ଉତ୍ତର ପ୍ରଦେଶ ସମେତ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ମଧ୍ୟ ବହୁ ଭକ୍ତ ରହିଛନ୍ତି । ବାବା ଓ ତାଙ୍କ ଅନୁଗାମୀମାନେ ମିଡିଆ ଓ ସୋସିଆଲ୍ ମିଡିଆଠାରୁ ଦୂରେଇ ରୁହନ୍ତି । ତେବେ ହାଥରସ ଦଳଚକଟା ଘଟଣା ପରେ ଭୋଲେ ବାବାଙ୍କ ଅସଲ ମୁଖା ଖୋଲି ଯାଇଛି । ଏହି ମାମଲାରେ ପୋଲିସ ୨୦ ଅଧିକ ସେବକଙ୍କ ଗିରଫ କରିଛି । ସେପଟେ ସେହି ଦିନଠାରୁ ଭୋଲେ ବାବା ଫେରାର୍ ହୋଇଯାଇଛନ୍ତି । ଆତ୍ମଘୋଷିତ ଭୋଲେ ବାବାଙ୍କ ନାଁରେ ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା । ହାଥରସ ମାମଲାରେ ଭୋଲେ ବାବାଙ୍କୁ ଗିରଫ କରିବା ପାଇଁ ଦାବି ହେଉଛି ।

**୨ ଜୁଲାଇ ୨୦୨୪ । ଉତ୍ତର ପ୍ରଦେଶର ହାଥରସ ଜିଲ୍ଲାର ପୁଲରାଇ ଗାଁରେ ଚାଲିଥିଲା ପ୍ରବଚନ । ପ୍ରବଚନ ଦେଉଥିଲେ ଆତ୍ମଘୋଷିତ ଭୋଲେ ବାବା । ପ୍ରବଚନ ସମାପ୍ତ ହେବା ପରେ ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା । ଫଳରେ ଦଳାଚକଟାରେ ୧୨୨ ଜଣଙ୍କ ଜୀବନଦୀପ ଲିଭି ଯାଇଥିଲା । ଏହି ଘଟଣା ପରେ ଭୋଲେ ବାବା ଅଧିକ ଚର୍ଚ୍ଚାକୁ ଆସିଛନ୍ତି । ଏବେ ଭୋଲେ ବାବାଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି । ଫଳରେ ବିବାଦ ଘେରକୁ ଟାଣି ହୋଇଆସିଛନ୍ତି ଭୋଲେ ବାବା ।**





## ତ୍ରିସ୍ତରୀୟ ସୁରକ୍ଷା, ସ୍ୱତନ୍ତ୍ର ବେସରକାରୀ ସେନା

ବିଳାସମୟ ଜୀବନ ବଞ୍ଚୁଥିବା ଭୋଲେ ବାବାଙ୍କ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ । ତେବେ ବାବାଙ୍କ ସୁରକ୍ଷା ପାଇଁ ଜଣେ ମଧ୍ୟ ପୋଲିସ ନାହାନ୍ତି । ତାଙ୍କର ସୁରକ୍ଷା ବ୍ୟବସ୍ଥା ନିଜର ପ୍ରାଇଭେଟ୍ ସେନା କରନ୍ତି । ଏହି ସୁରକ୍ଷା କୌଣସି ଭିଭିଆଇପିଠାରୁ କମ୍ ନୁହେଁ । ପ୍ରଥମେ ବାହାର ସୁରକ୍ଷା ଦାୟିତ୍ୱରେ ପିଙ୍କ୍ ଆର୍ମି ରହିଛନ୍ତି । ପିଙ୍କ୍ ଆର୍ମିଙ୍କ ସଂଖ୍ୟା ପ୍ରାୟ ୫୦୦୦ରୁ ଅଧିକ । ସତ୍‌ସଙ୍ଗରେ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱ ବାବାଙ୍କ ପିଙ୍କ ଆର୍ମିର । ଏହି ସେନାକୁ ନାରାୟଣୀ ସେନା ମଧ୍ୟ କୁହାଯାଏ । ବାବାଙ୍କ ଦ୍ୱିତୀୟ ସ୍ତର ସୁରକ୍ଷା ଦାୟିତ୍ୱରେ ବାଦାମୀ ବା ଧୂସର ରଙ୍ଗର ଡ୍ରେସ୍‌ର ସେନା ରହନ୍ତି । ସେହିପରି ବାବାଙ୍କ ଅତି ନିକଟରେ ରହନ୍ତି ବ୍ଲାକ୍ କମାଣ୍ଡୋ । ସେମାନଙ୍କୁ ଗରୁଡ଼ ଯୋଦ୍ଧା କୁହାଯାଏ । ସେମାନେ କଳା ରଙ୍ଗର ପୋଷାକ ପିନ୍ଧନ୍ତି । ଏମାନଙ୍କ ସଂଖ୍ୟା ପ୍ରାୟ ୧୦୦ । ଏହି କମାଣ୍ଡୋ ବାବାଙ୍କ ଆଦେଶ ପାଇବା ମାତ୍ରେ ମରିବା ବା ମାରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଯେତେବେଳେ ସତ୍‌ସଙ୍ଗ ପାଇଁ ବାବା ପହଞ୍ଚି ଯାଆନ୍ତି, ତାଙ୍କୁ ଚାରି ପଟୁ ଘେରା ଯାଇଥାଏ । ବାବାଙ୍କ ପାଖକୁ କାହାକୁ ଛଡ଼ା ଯାଏ ନାହିଁ । ଯଦି କିଏ ବାବାଙ୍କ ପାଖକୁ ଯିବାକୁ ଉଦ୍ୟମ କରନ୍ତି, ତାଙ୍କୁ ଧକ୍କା ମାରି ବାହାର କରିଦିଆଯାଏ । ବାବାଙ୍କ ସେନାରେ କେବଳ ଅନୁଗାମୀମାନଙ୍କୁ ସାମିଲ କରାଯାଏ । ଏହି ସେନାରେ ୧୮ରୁ ୪୦ ବର୍ଷ ବୟସର ଯୁବକ ଅଧିକ ସାମିଲ ହୋଇଥାନ୍ତି । ସେମାନଙ୍କୁ ପୋଷାକ ସହିତ ହୁଇସିଲ୍ ଓ ବାଡ଼ି ଦିଆଯାଇଥାଏ । ବାବାଙ୍କ ପ୍ରାଇଭେଟ୍ ସେନା ଏତେ ଶକ୍ତିଶାଳୀ ଯେ କାର୍ଯ୍ୟକ୍ରମ ସ୍ଥଳ ଭିତରକୁ ପୋଲିସକୁ ଯିବାକୁ ଅନୁମତି ଦିଅନ୍ତି ନାହିଁ । ହାଥରସରେ ହୋଇଥିବା ଦଳଚକଟାରେ ବାବାଙ୍କ ଏହି ସେନା ପ୍ରଶାସନକୁ ମଧ୍ୟ ଭିତରକୁ ଯିବାକୁ ଦେଇନଥିଲେ ।

## ଯୁବତୀଙ୍କ ନୃତ୍ୟ ଦେଖୁଥିଲେ ବାବା

ଭୋଲେ ବାବାଙ୍କ ଆଶ୍ରମରେ ଅଧିକ ସଂଖ୍ୟାରେ ମହିଳା ଭକ୍ତ ରହୁଛନ୍ତି । ଥରେ ୩୦ରୁ ୪୦ ଜଣ ଯୁବତୀ ନୃତ୍ୟ କରୁଥିଲେ । ବାବା ଉପରେ ଥାଇ ନୃତ୍ୟକୁ ଉପଭୋଗ କରୁଥିବା ନାଜର ସିଂହ କହିଛନ୍ତି । କେବଳ ମହିଳା ଭକ୍ତ ହିଁ ଆଶ୍ରମ ଭିତରେ ରହୁଥିଲେ । ପୁରୁଷ ଭକ୍ତମାନେ ଆଶ୍ରମ ବାହାରେ ରୁହନ୍ତି । ଭୋଲେ ବାବାଙ୍କ ସେନାରେ ଯୁବତୀମାନେ ମଧ୍ୟ ରହିଛନ୍ତି ।



## କ୍ଷୀରରେ ସ୍ନାନ, ସେଇ କ୍ଷୀରରୁ ଖିରି

ଭୋଲେ ବାବାଙ୍କ ଜଣେ ବନ୍ଧୁ ତଥା ଉତ୍ତର ପ୍ରଦେଶ ପୋଲିସରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିବା ନାଜର ସିଂହଙ୍କ ଅନେକ ଗୁମର ଖୋଲିଛନ୍ତି । ନିଜ ଆଶ୍ରମରେ ଭୋଲେ ବାବା ଅନେକ ସୁଖ-ସୁବିଧାର ସବୁ ବ୍ୟବସ୍ଥା କରିଥିଲେ । ସେ ଆଶ୍ରମରେ କ୍ଷୀରରେ ଗାଧୋଉଥିଲେ । ଏହି କ୍ଷୀରରେ ଖିରି ତିଆରି କରାଯାଉଥିଲା । ଆଉ ଏହି ଖିରିକୁ ଭକ୍ତମାନଙ୍କୁ ପ୍ରସାଦ ଭାବେ ବଣ୍ଟନ କରାଯାଉଥିଲା ବୋଲି ନାଜର ସିଂହ କହନ୍ତି । ବାଲ୍ୟକାଳରୁ ଚାକିରି କରିବା ପର୍ଯ୍ୟନ୍ତ ତାଙ୍କ ଭିତରେ କୌଣସି ଆଧ୍ୟାତ୍ମିକ ଭାବ ଦେଖିବାକୁ ମିଳିନଥିଲା । ପରବର୍ତ୍ତୀ ସମୟରେ ନିଜକୁ ସେ ଆତ୍ମଘୋଷିତ ବାବା ଭାବେ ପରିଚିତ କରାଇଛନ୍ତି ବୋଲି ନାଜର କହନ୍ତି ।

କୋଭିଡ୍ ମହାମାରୀ ସମୟରେ ମଧ୍ୟ ବାବା ବିବାଦ ଘେରକୁ ଆସିଥିଲେ । ସତ୍‌ସଙ୍ଗ ଆୟୋଜନ ପାଇଁ ବାବା ପ୍ରଶାସନ ପକ୍ଷରୁ ଅନୁମତି ନେଇଥିଲେ । ମାତ୍ର ୫୦ ଜଣ ଏଥିରେ ସାମିଲ ହେବାକୁ ଅନୁମତି ମିଳିଥିଲା । ତେବେ ଏହି ସତସଙ୍ଗରେ ୫୦ ହଜାରରୁ ଅଧିକ ଭକ୍ତ ସାମିଲ ହୋଇଥିଲେ । ଫଳରେ ସ୍ଥାନୀୟ ପ୍ରଶାସନକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏବେ ହଥରସ ମାମଲା ପରେ ଭୋଲେ ବାବାଙ୍କ କଳାକାରନାମା ପଦାକୁ ଆସିବାରେ ଲାଗିଛି ।

# ବାବା ରାମ ରହିମ

# ହତ୍ୟା ଓ ଦୁଷ୍କର୍ମ ମାମଲାରେ ଜଡ଼ିତ

ଡେରା ସଚ୍ଚା ସୌଦାର ମୁଖ୍ୟ ଗୁରମିତ ରାମ ରହିମ୍ ସିଂହ। ବାବା ରାମ ରହିମ ଭାବେ ସେ ପ୍ରସିଦ୍ଧ। ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାର ଏକ ଗାଁରେ ଜନ୍ମ ହୋଇଥିଲେ ବାବା ରାମ ରହିମ। ମାତ୍ର ୨୩ ବର୍ଷ ବୟସରେ ସେ ଡେରା ସଂପ୍ରଦାୟର ମୁଖ୍ୟ ହୋଇଥିଲେ। ଡେରା ସଚ୍ଚା ସୌଦା ସଂପ୍ରଦାୟ ହେଉଛି ଏକ ଜନକଲ୍ୟାଣକାରୀ ଆଧ୍ୟାତ୍ମିକ ସଂଗଠନ। ଏହି ସଂପ୍ରଦାୟର ଅନୁଗାମୀଙ୍କ ସଂଖ୍ୟା ୬କୋଟିରୁ ଅଧିକ ବୋଲି କୁହାଯାଏ। ଏତେ ସଂଖ୍ୟକ ଅନୁଗାମୀ ଥିବାରୁ ସେ ରାଜନୈତିକ ସୁବିଧା ସୁଯୋଗ ମଧ୍ୟ ଉପଭୋଗ କରିଥିବା ଅଭିଯୋଗ ହୁଏ। ହରିୟାଣାରେ ରହିଛି ଡେରା ସଚ୍ଚା ସୌଦାର ମୁଖ୍ୟ କାର୍ଯ୍ୟାଳୟ। ସାରା ବିଶ୍ୱର ପ୍ରାୟ ୨୫୦ଟି ଆଶ୍ରମ ରହିଛି ଏହି ସଂଗଠନର। ସିର୍‌ସା ସ୍ଥିତ ଡେରା ଆଶ୍ରମର ୭୦୦ ଏକର ଜମିରେ ପରିବ୍ୟାପ୍ତ। ହରିଆଣାରେ କେବଳ ୨୫ ଲକ୍ଷରୁ ଅଧିକ ଅନୁଗାମୀ ରହିଛନ୍ତି। ଏ ସବୁ ସତ୍ତ୍ୱେ ହତ୍ୟା, ଦୁଷ୍କର୍ମ, ଅପହରଣ ଆଦି ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି ରାମ ରହିମଙ୍କ ବିରୋଧରେ। ଫଳରେ ବିବାଦ ଘେରକୁ ସେ ଟାଣି ହୋଇଆସିଥିଲେ। ଏପରିକି ଜଣେ ସାମ୍ବାଦିକଙ୍କୁ ହତ୍ୟା ଓ ଦୁଇ ଜଣ ସାଧ୍ୱୀଙ୍କୁ ଦୁଷ୍କର୍ମ ମାମଲାରେ ତାଙ୍କୁ ଆଜୀବନ କାରାବାସ ହୋଇଛି। ବର୍ତ୍ତମାନ ସେ ଜେଲରେ ବନ୍ଦୀ ଜୀବନ କଟାଉଛନ୍ତି। ତେବେ ବିଭିନ୍ନ ସମୟରେ ସେ ପାରୋଲ ଆସିଛନ୍ତି।



## ରଙ୍ଗିଲା ବାବା ରାମ ରହିମ

ବେଶ୍ ରଙ୍ଗିନ ମିଜାଜର ଗୁରମିତ ରାମ ରହିମ ସିଂହ। ସିନେମା ଓ ସଂଗୀତ ପ୍ରତି ତାଙ୍କର ରୁଚି ରହିଛି। ଦାମୀ ଗାଡ଼ି ଚଢ଼ିବା, ରଙ୍ଗବେରଙ୍ଗର ପୋଷାକ ପିନ୍ଧିବାକୁ ସେ ପସନ୍ଦ କରିଥାନ୍ତି। ସେ କେତୋଟି ଚଳଚ୍ଚିତ୍ରର ଲେଖକ, ନିର୍ଦ୍ଦେଶକ ଓ ଅଭିନେତା। ବହୁ ଅଭିନେତା, ଅଭିନେତ୍ରୀଙ୍କ ସହିତ ତାଙ୍କର ସଂପର୍କ ଥିଲା। ତେବେ ହନିପ୍ରୀତ୍ ନାମକ ମହିଳାଙ୍କ ସହିତ ତାଙ୍କ ସଂପର୍କକୁ ନେଇ ଚର୍ଚ୍ଚା ଲାଗିରହିଥିଲା। ପଞ୍ଚକୁଲା ସିବିଆଇ କୋର୍ଟରେ ପହଞ୍ଚିବାରୁ ରୋହତକ ଜେଲ ଯିବା ପର୍ଯ୍ୟନ୍ତ ରାମ ରହିମଙ୍କ ପାଖେ ପାଖେ ରହୁଥିଲେ ହନିପ୍ରୀତ। ତାଙ୍କର ପ୍ରକୃତ ନାଁ ହେଉଛି ପ୍ରିୟଙ୍କା ତନେଜା। ବାବା ରାମ ରହିମ ତାଙ୍କ ନାଁ ଦେଇଥିଲେ ହନିପ୍ରୀତ। ହନିପ୍ରୀତ ବିବାହ କରିଥିଲେ, କିନ୍ତୁ ତାଙ୍କର ଛାଡ଼ପତ୍ର ହୋଇଯାଇଥିଲା। ଜେଲ ଯିବା ପୂର୍ବରୁ ବାବା ରାମ ରହିମ ପାଖେ ପାଖେ ହନିପ୍ରୀତ ରହୁଥିଲେ। ବାବା ରାମ ରହିମ ଓ ହନିପ୍ରୀତଙ୍କ ମଧ୍ୟରେ ଅବୈଧ ସଂପର୍କ ଥିବା ଅଭିଯୋଗ ଆଣିଥଲେ ତାଙ୍କର ପୂର୍ବତନ ସ୍ୱାମୀ ବିଶ୍ୱାସ ଗୁପ୍ତା। ଅନେକ ସମୟରେ ଉଭୟେ ଗୋଟିଏ ରୁମ୍‌ରେ ରହୁଥିବା ଦେଖାଯାଉଥିଲା। ଆଶ୍ରମରେ ହନିପ୍ରୀତଙ୍କ ବେଶ୍ ଦବ୍‌ବଦା ଥିଲା। ହନିପ୍ରୀତ ଯାହା କହୁଥିଲେ ଆଶ୍ରମ ଅନ୍ତେବାସୀ ମାନିବାକୁ ବାଧ୍ୟ ହେଉଥିଲେ। ତେବେ ହନିପ୍ରୀତଙ୍କୁ ବାବା ନିଜ ପାଳିତା କନ୍ୟା ଭାବେ ପରିଚୟ ଦେଉଥିଲେ।

## ସାମ୍ବାଦିକଙ୍କୁ ହତ୍ୟା ଅଭିଯୋଗ

୨୦୦୨ ମସିହାରେ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କୁ ହତ୍ୟା ଅଭିଯୋଗରେ ବିବାଦରେ ଛନ୍ଦି ହୋଇପଡ଼ିଥିଲେ ଆତ୍ମଘୋଷିତ ବାବା ରାମ ରହିମ। ତାଙ୍କ କଳାକାରନାମାର ପର୍ଦ୍ଦାଫାସ୍ କରିଥିବାରୁ ରାମଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ରାମଚନ୍ଦ୍ର ନିଜ ସମ୍ବାଦପତ୍ର 'ପୂରା ସଚ' ରେ ଡେରା ମୁଖ୍ୟ କାର୍ଯ୍ୟାଳୟରେ ରାମ ରହିମ କିଭଳି ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ କରୁଥିଲେ ସେ ସଂପର୍କରେ ରିପୋର୍ଟ ପ୍ରକାଶ କରିଥିଲେ। ରାମ ରହିମଙ୍କ ବିରୁଦ୍ଧରେ ଜଣେ ସାଧ୍ୱୀ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଲେଖିଥିବା ଚିଠି ମଧ୍ୟ ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶ ପରେ ସେ ରାମ ରହିମଙ୍କ ଆକ୍ରୋଶର ଶିକାର ହୋଇଥିଲେ। ୨୪ ଅକ୍ଟୋବର ୨୦୦୨ରେ ସାମ୍ବାଦିକ ରାମଚନ୍ଦ୍ରଙ୍କ ଗୁଳି ମାଡ଼ରେ ମୃତ୍ୟୁ ହୋଇଥିଲା। ୨୦୦୩ ମସିହାରେ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ୨୦୦୬ ମସିହାରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ୧୭ ଜାନୁଆରୀ ୨୦୧୮ ମସିହାରେ ପଞ୍ଚକୁଳା ସିବିଆଇ କୋର୍ଟ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତି ହତ୍ୟା ମାମଲାରେ ବାବା ରାମ ରହିମଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ରାମ ରହିମଙ୍କ ସମେତ ଅନ୍ୟ ତିନି ଜଣଙ୍କୁ ମଧ୍ୟ ଆଜୀବନ ଦଣ୍ଡାଦେଶ ଶୁଣାଇଥିଲେ। ଆଜୀବନ କାରାଦଣ୍ଡାଦେଶ ସହିତ ସମସ୍ତ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଥିଲେ। ସାମ୍ବାଦିକ ରାମଚନ୍ଦ୍ର ହତ୍ୟା ମାମଲାରେ ସିବିଆଇ ଓକିଲ ରାମ ରହିମଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦାବି କରିଥିଲେ। ମୃତ ରାମଚନ୍ଦ୍ରଙ୍କ ପରିବାର ଲୋକେ ମଧ୍ୟ ରାମ ରହିମଙ୍କୁ ମୃତ୍ୟୁ ଦଣ୍ଡାଦେଶ ପାଇଁ ଅନୁରୋଧ କରିଥିଲେ। ତେବେ ରାମ ରହିମଙ୍କ ଓକିଲ ଧାର୍ମିକ କାର୍ଯ୍ୟ ପାଇଁ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ନଦେବାକୁ ଅପିଲ୍ କରିଥିଲେ। ଶେଷରେ ପଞ୍ଚକୁଳାର ସିବିଆଇର ବିଶେଷ କୋର୍ଟ ରାମ ରହିମ ଏବଂ ଅନ୍ୟ ତିନି ଅଭିଯୁକ୍ତ କୁଳଦୀପ ସିଂହ, ନିର୍ମଳ ସିଂହ ଓ କୃଷ୍ଣ ଲାଲ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କରାଦଣ୍ଡାଦେଶ ଦେଇଥିଲେ।

## ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ରାମ ରହିମ

୧୯୯୯ ମସିହାରେ ସିରସା ଆଶ୍ରମରେ ଦୁଇ ଜଣ ସାଧ୍ୱୀଙ୍କୁ ଦୁର୍ଷ୍କମ କରିଥିବା ଅଭିଯୋଗରେ ବିବାଦ ଘେରକୁ ଟାଣି ହୋଇଆସିଥିଲେ ବାବା ରାମ ରହିମ। ଏହି ଘଟଣା ୨୦୦୨ ମସିହାରେ ଲୋକଲୋଚନକୁ ଆସିଥିଲା। ୨୦୦୩ ମସିହାର ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଦିଆଯାଇଥିଲା। ସିବିଆଇ ଏହାର ତଦନ୍ତ ଦାୟିତ୍ୱ ନେବା ପରେ ଦୁଷ୍କର୍ମର ଶିକାର ହୋଇଥିବା ସାଧ୍ୱୀ ଆଗକୁ ଆସନ୍ତି। ପ୍ରାୟ ୬ ବର୍ଷ ଧରି ଏହି ମାମଲା ଚାଲିଥିଲା। ଶେଷରେ ୨୫ ଅଗଷ୍ଟ ୨୦୧୭ ମସିହାରେ ସିବିଆଇର ସ୍ୱତନ୍ତ୍ର କୋର୍ଟ ଏହି ମାମଲାର ଶୁଣାଣି କରି ଦୁଷ୍କର୍ମକାରୀ ବାବା ରାମ ରହିମଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ମାମଲାରେ ରାମ ରହିମଙ୍କୁ ୨୦ ବର୍ଷ ସଶ୍ରମ କାରାବାସ ଓ ୬୫ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଥିଲା। ଦୁଷ୍କର୍ମ ମାମଲାରେ ରାମ ରହିମ ଦୋଷୀ ସାବ୍ୟସ୍ତ ହେବା ପରେ ହରିୟାଣା ପଞ୍ଚକୁଲାରେ ବ୍ୟାପକ ହିଂସାକାଣ୍ଡ ଘଟାଇଥିଲେ ତାଙ୍କ ଅନୁଗାମୀ ଓ ସମର୍ଥକମାନେ। ହିଂସାକାଣ୍ଡକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ ଲାଠି ଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଏ। ହିଂସାକାଣ୍ଡରେ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ହୁଏ। ୩୦୦ରୁ ଅଧିକ ଆହତ ହୁଅନ୍ତି। ରାମ ରହିମଙ୍କ ୧୦୦୦ରୁ ଅଧିକ ସମର୍ଥକଙ୍କୁ ପୋଲିସ ଗିରଫ କରେ। ଏହି ହିଂସାକାଣ୍ଡ ଅନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିବାରେ ଲାଗିଥିଲା। ପଞ୍ଚକୁଲା ସମେତ ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଥିଲା।








ସମ୍ବାଦିକଙ୍କୁ ହତ୍ୟା, ସାଧ୍ୱୀଙ୍କୁ ଦୁଷ୍କର୍ମ କରିବାଠାରୁ ଆରମ୍ଭ କରି ନିଜ ଗାଡ଼ି ଡ୍ରାଇଭରଙ୍କୁ ଅପହରଣ କରିବା, ଦଶମ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ବେଶରେ ଅନୁଗାମୀଙ୍କୁ ଦର୍ଶନ ଦେବା, ଭଗବାନ ବିଷ୍ଣୁଙ୍କ ନକଲ କରିବା, ୪୦୦ ପୁରୁଷ ଅନୁଗାମୀଙ୍କୁ ବନ୍ଧ୍ୟାକରଣ କରିବା ଆଦି ଘଟଣା ପାଇଁ ବିବାଦ ଘେରକୁ ଟାଣି ହୋଇଆସିଛନ୍ତି। ତେବେ ହତ୍ୟା ଓ ଦୁଷ୍କର୍ମ ମାମଲା ବେଶ୍ ମହଙ୍ଗା ପଡ଼େ ଏହି ଆତ୍ମଘୋଷିତ ବାବାଙ୍କୁ। ଆଉ ଶେଷରେ ଆତ୍ମଘୋଷିତ ବାବା ରାମ ରହିମଙ୍କୁ ଜେଲ ଯିବାକୁ ପଡ଼େ। ତଥାପି ଏବେ ବି ତାଙ୍କର ଅନେକ ଅନୁଗାମୀ ରହିଛନ୍ତି। ■

# ପଳାତକ ଭଣ୍ଡ ବାବା ନିତ୍ୟାନନ୍ଦ



**ଆତ୍ମଘୋଷିତ ତଥା ପଳାତକ ଭଣ୍ଡ ବାବା ନିତ୍ୟାନନ୍ଦ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଥାନ୍ତି । କେତେବେଳେ ନିଜ ଜନ୍ମତାରିଖ ପାଇଁ ବିବାଦ ଘେରରେ ରହିଛନ୍ତି ତ ପୁଣି ଆଉ କେତେବେଳେ ନିଜସ୍ୱ ଦେଶ 'କୈଳାସ' ସ୍ଥାପନାକୁ ନେଇ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ତେବେ ୨୦୧୮ ରୁ ଲୋକଲୋଚନକୁ ଆସି ନ ଥିବା ବାବା ନିତ୍ୟାନନ୍ଦଙ୍କ ପ୍ରକୃତ ନାଁ ଓ କେଉଁ ସବୁ କାରଣ ପାଇଁ ସେ ବିବାଦରେ ରହି ଆସିଛନ୍ତି, ତାହାକୁ ନେଇ ଏହି ଉପସ୍ଥାପନା ।**



## ଜନ୍ମତାରିଖକୁ ନେଇ ବିବାଦ

୧୯୭୮ ମସିହା ଜାନୁଆରୀ ୧ ତାରିଖରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ ବାବା ନିତ୍ୟାନନ୍ଦ । ଏହି ଆତ୍ମଘୋଷିତ ବାବା ନିତ୍ୟାନନ୍ଦଙ୍କ ପ୍ରକୃତ ନାଁ ହେଉଛି ଏ. ରାଜଶେଖରନ୍ । ସେହିପରି ତାଙ୍କ ଜନ୍ମ ତାରିଖକୁ ନେଇ ମଧ୍ୟ ବିବାଦ ଅଛି । ୨୦୦୩ରେ ଆମେରିକାରେ ଭିସା ନେବା ସମୟରେ ସେ ତାଙ୍କ ଜନ୍ମତାରିଖ ୧୯୭୭ ମାର୍ଚ୍ଚ ୧୩ ବୋଲି କହିଥିଲେ । ଅନ୍ୟପଟେ କର୍ଣ୍ଣାଟକ ହାଇକୋର୍ଟର ଏକ ରିପୋର୍ଟରେ ତାଙ୍କ ଜନ୍ମତାରଖ ୧୯୭୮ ମସିହା ଜାନୁଆରି ୧ ବୋଲି ସେ ଅଭିହିତ କରିଥିଲେ । ୧୨ ବର୍ଷ ବୟସରୁ ରାମକୃଷ୍ଣ ମଠରୁ ସେ ଶିକ୍ଷା ଗ୍ରହଣ କରିଥିଲେ । ତେବେ ସେ ମେକାନିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା କରିଛନ୍ତି । ଅବଶ୍ୟ ଏହାକୁ ତାଙ୍କର ଜାଲିଆତି ଡିଗ୍ରୀ ବୋଲି କୁହାଯାଏ । ୨୦୦୦ ମସିହାରେ ସେ କର୍ଣ୍ଣାଟକରେ ନିତ୍ୟାନନ୍ଦ ଧ୍ୟାନପୀଠମ୍ ସ୍ଥାପନା କରିଥିଲେ । ସେଠାରେ ଯୋଗ, ଧ୍ୟାନ ଓ ଅନ୍ୟ ଫିଟ୍‌ନେସ୍ କାର୍ଯ୍ୟ ପରିଚାଳିତ କରାଯାଉ ଥିଲା ।

## ଯୁବତୀ ଅପହରଣ ଓ ନିର୍ଯାତନା ଅଭିଯୋଗ





୨୦୦୩ରେ ବାବା ନିତ୍ୟାନନ୍ଦ ବେଙ୍ଗାଲୁରୁରେ ନିଜର ଆଶ୍ରମ ଖୋଲି ଥିଲେ । ଏହା ପରେ ପରେ ସେ ଅନେକ ଆଶ୍ରମ ସ୍ଥାପନା କଲେ । ତେବେ ୨୦୧୦ରେ ଏକ ଅଶ୍ଳୀଳ ସିଡି ସାମ୍ନାକୁ ଆସିବା ପରେ ସେ ଚର୍ଚ୍ଚାକୁ ଆସିଥିଲେ । କୁହାଯାଏ, ସେ ସେହି ଭିଡିଓରେ ଜଣେ ଅଭିନେତ୍ରୀଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିଲେ । ଏହି ଘଟଣାକୁ ନେଇ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା । ତାଙ୍କୁ ଗିରଫ କରାଯାଇଥିଲା, ପରେ ସେ ମୁକୁଳି ଥିଲେ । ପୁଣି ୨୦୧୦ରେ ଆମେରିକାରେ ଜଣେ ମହିଳା ତାଙ୍କ ଉପରେ ଅଭିଯୋଗ ଆଣିବା ପରେ ଆଉ ଥରେ ସେ ଚର୍ଚ୍ଚାକୁ ଆସିଥିଲେ । ଧର୍ମ ନାଁରେ ମହିଳାଙ୍କୁ ଶୋଷଣ କରିଥିବା ତାଙ୍କ ନାଁରେ ଅଭିଯୋଗ ହୋଇଥିଲା । ଏନେଇ ବେଙ୍ଗାଲୁରୁରେ ମାମଲା ରୁଜୁ କରାଯାଇଥିବା ବେଳେ ୨୦୧୦ରେ ଟ୍ରାଏଲ୍ ଆରମ୍ଭ ହୋଇଥିଲା । କିନ୍ତୁ କେବେ ବି ବାବା ନିତ୍ୟାନନ୍ଦ କୋର୍ଟରେ ହାଜର ହୋଇ ନ ଥିଲେ । ସେହିପରି ୨୦୧୨ରେ ପୁଣି ଥରେ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା । ଏହାପରେ ତାଙ୍କୁ ଜେଲ୍ ପଠାଯାଇଥିଲା । ଅବଶ୍ୟ ଏଠାରୁ ସେ ଫେରାର୍ ହେବା ପରେ ଆତ୍ମସମର୍ପଣ କରିଥିଲେ । ସେହିପରି ୨୦୧୯ରେ ନିତ୍ୟାନନ୍ଦଙ୍କ ଉପରେ ଦୁଇଜଣ ଝିଅଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା ଏବଂ ମାମଲା ବି ରୁଜୁ କରାଯାଇଥିଲା ।

## ଭାରତ ଛାଡ଼ି ପଳାୟନ



ଅନ୍ୟପଟେ ଭାରତରୁ ଫେରାର୍ ହେବା ନେଇ ଏକାଧିକ ରିପୋର୍ଟ ଅଛି । ନିଜକୁ ଭଗବାନ ଶିବଙ୍କ ଅବତାର କହୁଥିବା ବାବା ନିତ୍ୟାନନ୍ଦଙ୍କ ନାଁରେ ପୁଳା ପୁଳା ଦୁଷ୍କର୍ମ ଓ ଅପହରଣ ଭଳି ସଙ୍ଗିନ ମାମଲା ଅଛି । କୁହାଯାଏ, ୨୦୧୮ରେ ତାଙ୍କ ପାସ୍‌ପୋର୍ଟ ଏକ୍ସପାୟାର୍ ହୋଇ ଯାଇଥିଲା । ଫଳରେ କୁହାଯାଉଥିଲା ସେ ଜାଲ୍ ପାସ୍‌ପୋର୍ଟ ମାଧ୍ୟମରେ ଦେଶରୁ ପଳାୟନ କରିଥିଲେ । ଅବଶ୍ୟ ଭାରତରେ ତାଙ୍କ ନାଁରେ ଅନେକ ମାମଲା ଥିଲା, କିନ୍ତୁ ତାହାର ଶୁଣାଣି ହେଉ ନ ଥିଲା । ପୁଣି ଏମିତି ବି କୁହାଯାଏ, ନେପାଳ ଦେଇ ସେ ଇକ୍ୟୁଏଡର୍ ଚାଲିଯାଇଥିଲେ । ତେବେ ୨୦୧୯ରେ ଗୁଜରାଟ ପୋଲିସ ହାଇକୋର୍ଟରେ କହିଥିଲେ ଯେ, ନିତ୍ୟାନନ୍ଦ ଦେଶ ଛାଡ଼ି ଚାଲିଯାଇଛି । କୁହାଯାଏ, ଭାରତରୁ ଫେରାର୍ ହେବା ପରେ ସେ ଦକ୍ଷିଣ ଆମେରିକାର ଇକ୍ୟୁଏଡର ସ୍ଥିତ ଏକ ଦ୍ୱୀପକୁ କିଣିଲେ । କେବଳ ସେତିକି ନୁହେଁ, ଏହାକୁ ସେ ନିଜସ୍ୱ ଦେଶ 'କୈଳାଶ' ନାଁରେ ଅଲଗା ଦେଶ ଭାବେ ଘୋଷଣା କଲେ ।

## 'କୈଳାସ'ର ନିଜସ୍ୱ ସମ୍ବିଧାନ, ଆଇନ

ଭାରତର ସବୁଠୁ ଧନୀ ବାବାଙ୍କ ତାଲିକାରେ ତାଙ୍କ ନାଁ ସାମିଲ ଅଛି । ତାଙ୍କ ପାଖରେ ବାବା ରାମଦେବ, ଶ୍ରୀ ଶ୍ରୀ ରବିଶଙ୍କର, ଆଶାରାମଙ୍କଠାରୁ ଅଧିକ ଧନ ଥିବା କୁହାଯାଏ । ତାଙ୍କ ସମ୍ପତ୍ତିର ମୂଲ୍ୟ ପାଖାପାଖି ୧୦,୦୦୦କୋଟି ଟଙ୍କା ହେବ । ଏହି ଅମାପ ସମ୍ପତ୍ତି ଯୋଗୁଁ ସେ ଇକ୍ୟୁଏଡର୍‌ରେ ଅଲଗା ଦ୍ୱୀପ କିଣିବାକୁ ସକ୍ଷମ ହୋଇଥିଲେ ।



ତା'ସହ ଏହାକୁ ସେ ନିଜର ଅଲଗା ଦେଶ 'କୈଳାସ' ବୋଲି ଦାବି କଲେ । ଅନ୍ୟପଟେ ସେ କେବଳ କୈଳାସକୁ ନିଜସ୍ୱ ରାଷ୍ଟ୍ର ଭାବେ ଘୋଷଣା କରିଥିଲେ ତାହା ନୁହେଁ, ତାଙ୍କ ୱେବ୍‌ସାଇଟ୍ ଅନୁସାରେ, ଏହା ବିଶ୍ୱର ଏକମାତ୍ର ହିନ୍ଦୁ ରାଷ୍ଟ୍ର ହେବ । ବିଶ୍ୱର କୌଣସି ହିନ୍ଦୁ ଏଠାକାର ନାଗରିକତା ପାଇପାରିବେ । ଯେଉଁଠାରେ ଏହାର ନିଜର ପ୍ରଧାନମନ୍ତ୍ରୀ, କ୍ୟାବିନେଟ୍, ଆଇନ, ସମ୍ବିଧାନ, ସେନା, ପାସ୍‌ପୋର୍ଟ ରହିବ । ସେ ନିଜର ଏହି ଅଲଗା ଦେଶ ପାଇଁ ବିମାନ ସେବା ଓ ଭିସା ପ୍ରଦାନ କଥା ଘୋଷଣା କରିଥିଲେ । ଏପରିକି ଷଣ୍ଢକୁ ଜାତୀୟ ପଶୁ ଏବଂ ପଦ୍ମକୁ ଜାତୀୟ ଫୁଲ ଭାବେ ଘୋଷଣା କରିଥିଲେ ।

## ଶିଷ୍ୟା ବିଜୟପ୍ରିୟା ନିତ୍ୟାନନ୍ଦ



ବାବା ନିତ୍ୟାନନ୍ଦ ୨୦୧୮ ରୁ ଲୋକଲୋଚନକୁ ଆସି ନ ଥିବା ବେଳେ ତାଙ୍କ ଶିଷ୍ୟା ବିଜୟପ୍ରିୟା ନିତ୍ୟାନନ୍ଦ ତାଙ୍କୁ ପୁଣି ଥରେ ଚର୍ଚ୍ଚାକୁ ଆଣିଥିଲେ । ଆତ୍ମଘୋଷିତ ତଥା ପଳାତକ ବାବା ନିତ୍ୟାନନ୍ଦଙ୍କ ଦେଶର ଜାତିସଂଘରେ ପ୍ରତିନିଧିତ୍ୱ କରିବା ପାଇଁ ସେ ତାଙ୍କ ଶିଷ୍ୟାଙ୍କୁ ପଠାଇଥିଲେ । ସେ ବିଜୟପ୍ରିୟା ନିତ୍ୟାନନ୍ଦ ବୋଲି ନିଜର ପରିଚୟ ପ୍ରଦାନ କରିଥିଲେ । ଗେରୁଆ ରଙ୍ଗ ଶାଢ଼ି, ମୁଣ୍ଡରେ ଜଟା ମଥାରେ ଚିତା ଓ ରୁଦ୍ରାକ୍ଷ ମାଳାରେ ସେ ନଜର ଆସିଥିଲେ । ସେ ଯେଉଳି ଭାବେ କୈଳାସ ପାଇଁ ଯୁକ୍ତି ବାଢ଼ିଥିଲେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ବିଜୟପ୍ରିୟାଙ୍କ ଘର ଆମେରିକାର ୱାଶିଂଟନ୍ ଡିସିରେ ହୋଇଥିବା ବେଳେ ସେ କୈଳାସ ଦେଶର କୂଟନୀତିଜ୍ଞର ମାନ୍ୟତା ମିଳିଛି । ଅନ୍ୟପଟେ ବିଜୟପ୍ରିୟାଙ୍କ ବ୍ୟତୀତ ଅନ୍ୟ ପାଞ୍ଚ ଜଣ ମହିଳା ମଧ୍ୟ ସ୍ୱିଜରଲ୍ୟାଣ୍ଡ ଜେନେଭାରେ ଆୟୋଜିତ ଏକ ମିଳିତ ଜାତିସଂଘରେ 'କୈଳାଶ' ଦେଶର ପ୍ରତିନିଧିତ୍ୱ କରିଥିଲେ । ■



# ଜେଲରେ ଆଶାରାମ



## ଅସୁମଲ୍‌ରୁ ଆଶାରାମ

୧୭ ଅପ୍ରେଲ ୧୯୪୧ ମସିହାରେ ବର୍ତ୍ତମାନର ପାକିସ୍ତାନରେ ଥିବା ସିନ୍ଧ୍ ପ୍ରଦେଶର ବେରାନୀ ଗାଁରେ ଆଶାରାମ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥାରୁମଲ୍ ସିରୁମଲାନୀ ଓ ମାତାଙ୍କ ନାମ ମହଙ୍ଗୀବା। ତାଙ୍କର ପ୍ରକୃତ ନାମ ହେଉଛି ଆସୁମଲ୍ ହରପାଲାନୀ। ଭକ୍ତଙ୍କ ପାଖରେ ସେ ଆଶାରାମ ବାପୁ ଭାବେ ପରିଚିତ। ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ତାଙ୍କ ପରିବାର ଗୁଜରାଟର ଅହମ୍ମଦାବାଦସ୍ଥିତ ମଣିନଗରକୁ ଆସି ସେଠାରେ ବସତି ସ୍ଥାପନ କଲେ। ଧନ ସଂପତ୍ତି ସବୁ କିଛି ହରାଇବା ଫଳରେ ତାଙ୍କ ପରିବାର ଲୋକେ ଆର୍ଥିକ ସଂକଟ ଦେଇ ଗତିକରୁଥିଲେ। ସେଥିପାଇଁ ତାଙ୍କ ବାପା ଥାରୁମଲ୍ ଚିନି ବିକ୍ରି ବ୍ୟବସାୟ ଆରମ୍ଭ କଲେ। ପିତାଙ୍କ ମୃତ୍ୟୁ ପରେ ମା'ଙ୍କଠାରୁ ଧ୍ୟାନ ଓ ଆଧ୍ୟାତ୍ମିକତାର ଶିକ୍ଷା ଲାଭ କଲେ। ପରବର୍ତ୍ତୀ ସମୟରେ ସେ ଘର ଛାଡ଼ି ଦେଶ ଭ୍ରମଣ କରିବାରେ ଲାଗିଲେ। ବୁଲି ବୁଲି ଶେଷରେ ସେ ପହଞ୍ଚିଲେ ସ୍ୱାମୀ ଶ୍ରୀ ଲାଲାଶାହଜୀ ମହାରାଜଙ୍କ ନୈନିତାଲ ଆଶ୍ରମରେ। ସେଠାରେ ସେ ଦୀକ୍ଷା ଗ୍ରହଣ ପରେ ଗୁରୁ ତାଙ୍କ ନାମ ଅସୁମଲ୍‌ରୁ ପରିବର୍ତ୍ତନ କରି ଆଶାରାମ ଦେଲେ। ଆଶାରାମ ବିଭିନ୍ନ ଅଞ୍ଚଳ ବୁଲି ବୁଲି ଆଧ୍ୟାତ୍ମିକ ପ୍ରବଚନ ଦେବାକୁ ଲାଗିଲେ। ଏପରିକି ସେ ଗୁରୁ-ଦୀକ୍ଷା ଦେବାକୁ ଲାଗିଲେ। ଆଶାରାମଙ୍କ ସତ୍‌ସଙ୍ଗଗୁଡ଼ିକରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବାରେ ଲାଗିଲା। ୨୦୦୧ ଡିସେମ୍ବରରେ ଅହମ୍ମଦାବାଦରେ ହୋଇଥିବା ସତ୍‌ସଙ୍ଗରେ ପ୍ରାୟ ୨୦ ହଜାର ଛାତ୍ର ଯୋଗଦେଇଥିଲେ।

**ଆଶାରାମ ବାପୁ। ଆଧ୍ୟାତ୍ମିକ ଗୁରୁ। ଆଶାରାମ ବାପୁଙ୍କ ଲକ୍ଷ ଲକ୍ଷ ଭକ୍ତ ରହିଛନ୍ତି। ଯେଉଁମାନେ ତାଙ୍କ ଆଦର୍ଶ ଓ ଦର୍ଶନରେ ଅନୁପ୍ରାଣିତ। ଏକଦା ଭକ୍ତମାନଙ୍କ ପାଇଁ ଭଗବାନ ପାଲଟିଥିବା ଆଶାରାମ ଏବେ ଜେଲରେ ବନ୍ଦୀ ଜୀବନ କଟାଉଛନ୍ତି। ଦୁଷ୍କର୍ମ, ସାକ୍ଷୀଙ୍କୁ ହତ୍ୟା ଧମକ ଦେବା, ସରକାରୀ ଜମି ଜବରଦଖଲ କରିବା ଆଦି ସଙ୍ଗିନ ଅଭିଯୋଗ ରହିଛି ଏହି ଆଧ୍ୟାତ୍ମିକ ଗୁରୁଙ୍କ ନାମରେ। ୨୦୧୮ ମସିହାରେ ଯୋଧପୁରର ଏକ ଅଦାଲତ ଆଶାରାମଙ୍କୁ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ବର୍ତ୍ତମାନ ସେ ଯୋଧପୁର ସେଣ୍ଟ୍ରାଲ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।**

## ଆଧ୍ୟାତ୍ମିକ ଗୁରୁରୁ ଦୁଷ୍କର୍ମ ଅଭିଯୁକ୍ତ

ଆଶାରାମ ବାବୁ ଭାରତର ଜଣେ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ, ସନ୍ଥ ଭାବେ ପରିଚିତ। ସେ ନିଜ ଶିଷ୍ୟମାନଙ୍କୁ ସଚ୍ଚିଦାନନ୍ଦ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ଉପଦେଶ ପ୍ରଦାନ କରୁଥିଲେ। ଭକ୍ତ ତାଙ୍କୁ ବାପୁ ନାମରେ ସମ୍ବୋଧନ କରନ୍ତି। ୨୦୧୩ ମସିହା ପୂର୍ବରୁ ସେ ଭାରତ ଓ ବିଦେଶରେ ୪୦୦ରୁ ଅଧିକ ଛୋଟବଡ଼ ଆଶ୍ରମ ଓ ୪୦ ସ୍କୁଲ ପ୍ରତିଷ୍ଠା କରିଥିଲେ। ତାଙ୍କର ଶିଷ୍ୟଙ୍କ ସଂଖ୍ୟା ଲକ୍ଷ ଲକ୍ଷ। ତାଙ୍କ ମୁଖ୍ୟ ଆଶ୍ରମ ରହିଛି ଅହମ୍ମଦାବାଦରେ। ଭକ୍ତ ତାଙ୍କୁ ଭଗବାନ ତୁଲ୍ୟ ପୂଜା କରୁଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ବିବାଦ ଘେରକୁ ଟାଣି ହୋଇଆସିଲେ। ଆଶ୍ରମ ପକ୍ଷରୁ ବେଆଇନ ଜବରଦଖଲ, ୨୦୧୨ ମସିହା ଦିଲ୍ଲୀ ଗଣଦୁଷ୍କର୍ମ ମାମଲା ଉପରେ ଟିପ୍ପଣୀ ଦେବା, ନାବାଳିକାଙ୍କୁ ଦୁଷ୍କର୍ମ କରିବା ଆଦି ଅଭିଯୋଗ ତାଙ୍କ ନାମରେ ଆସିଥିଲା।

୨୦ ଅଗଷ୍ଟ ୨୦୧୩ ମସିହାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦିଲ୍ଲୀସ୍ଥିତ କମଳା ନଗର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଅଗଷ୍ଟ ୧୫ ତାରିଖ ରାତିରେ ବାପୁ ନିଜ ରୁମ୍‌କୁ ଡାକି ତାଙ୍କ ତିନି ଜଣ ସହଯୋଗୀଙ୍କ ସହାୟତାରେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ। ଯଦି ଏ ସଂପର୍କରେ କାହାକୁ କିଛି ସେ କୁହେ ତା'ର ବାପାମାଆଙ୍କ ସହିତ ତାକୁ ମାରି ଦିଆଯିବ ବୋଲି ଧମକ ଦିଆଯାଇଥିଲା। ଘରକୁ ଫେରିବା ପରେ ଘଟଣା ସଂପର୍କରେ ଛାତ୍ରୀ ଜଣକ ସାହସର ସହ ପରିବାର ଲୋକଙ୍କୁ ଘଟଣା ସଂପର୍କରେ କହିଥିଲେ। ପରେ ନାବାଳିକାଙ୍କ ପିତା ଥାନାରେ ଏଫ୍‌ଆଇଆର୍ ଦେଇଥିଲେ। ନାବାଳିକା ଜଣକ ଉତ୍ତରପ୍ରଦେଶର ଶାହଜଦାପୁର ବାସିନ୍ଦା। ସେ ଛିନ୍ଦୱାଡ଼ା ଆଶ୍ରମର ଏକ ଛାତ୍ରୀନିବାସରେ ରହି ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ। ପୀଡ଼ିତାଙ୍କ ପିତା ଆଶାରାମଙ୍କ ଜଣେ ଭକ୍ତ ଥିଲେ।

୨୫ ଏପ୍ରିଲ ୨୦୧୮ ମସିହାରେ ଯୋଧପୁରର ଏକ ସ୍ୱତନ୍ତ୍ର ଅଦାଲତ ବାପୁଙ୍କୁ ଏହି ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଆଶାରାମଙ୍କ ସହଯୋଗୀ ଶିଳ୍ପୀ ଓ ଶରତଚନ୍ଦ୍ରଙ୍କୁ ମଧ୍ୟ ୨୦ ବର୍ଷ ଲେଖାଏଁ ଜେଲଦଣ୍ଡ ହୋଇଛି। ଏହି ରାୟ ପ୍ରକାଶ ପାଇବା ପରେ ଯୋଧପୁରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଥିଲା। ଦୁଷ୍କର୍ମ ଅଭିଯୋଗରେ ଫସିଥିବା ଆଶାରାମଙ୍କ ମାମଲାର ଜଣେ ସାକ୍ଷୀ କୃପାଳ ସିଂହଙ୍କ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା। ସେ ରାତିରେ ଘରକୁ ଫେରୁଥିବା ବେଳେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଗୁଳି ମାରିଥିଲା। ଚିକିତ୍ସା ପାଇଁ କୃପାଳଙ୍କୁ ଏକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା

## ଯୋଧପୁର ସେଣ୍ଟ୍ରାଲ ଜେଲରେ ବାପୁ

ଦଶ ବର୍ଷରୁ ଅଧିକ ସମୟ ହେଲା ଯୋଧପୁର ସେଣ୍ଟ୍ରାଲ ଜେଲରେ ବନ୍ଦୀ ଜୀବନ କଟାଉଛନ୍ତି ଆଶାରାମ ବାପୁ। ୩୧ ଅଗଷ୍ଟ ୨୦୧୩ ମସିହାରେ ଆଶାରାମ ବାପୁ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିଲେ। ସେବେଠାରୁ ବାପୁ ଜେଲରେ ରହିଛନ୍ତି। ଅନେକ ଅଭିଯୁକ୍ତ ଜେଲରୁ ମୁକୁଳିଲେଣି। କିନ୍ତୁ ଏବେ ବି ବାପୁ ଜେଲରେ ଅଛନ୍ତି। ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ୧୫ରୁ ଅଧିକ ଥର ଜାମିନ ପାଇଁ ଆବେଦନ କରାଗଲାଣି। କିନ୍ତୁ ସବୁ ଆବେଦନ ଖାରଜ ହୋଇଯାଉଛି। ରାମ ଜେଠମାଲିନୀ, ସୁବ୍ରମଣ୍ୟମ୍ ସ୍ୱାମୀ, ସଲମାନ ଖୁର୍ଶିଦଙ୍କ ଭଳି ବରିଷ୍ଠ ଓ ଅଭିଜ୍ଞ ଆଇନଜୀବୀ କେଶ୍ ଲଢ଼ିଛନ୍ତି, ତଥାପି ଯୋଧପୁରର ସେଣ୍ଟ୍ରାଲ ଜେଲର ଦ୍ୱାର ବାପୁଙ୍କ ପାଇଁ ଖୋଲି ନାହିଁ।





## ୧୦ ହଜାର କୋଟିର ସଂପତ୍ତି

ଆଶାରାମଙ୍କ ଆଧ୍ୟାତ୍ମିକ ସାମ୍ରାଜ୍ୟ ଅଧୀନରେ ରହିଛି ହଜାର ହଜାର କୋଟି ଟଙ୍କା। ଆଧ୍ୟାତ୍ମିକ ଗୁରୁ ଆଶାରାମ ବାପୁ ବିବାହିତ। ସେ ଲକ୍ଷ୍ମୀ ଦେବୀଙ୍କୁ ବିବାହ କରିଛନ୍ତି। ତାଙ୍କର ପୁଅ ନାରାୟଣ ସାଇ ଓ ଝିଅ ଭାରତୀ ଦେବୀ ଅଛନ୍ତି। ପୁତ୍ର ନାରାୟଣଙ୍କ ନାମରେ ମଧ୍ୟ ରହିଛି ସଙ୍ଗିନ ଅଭିଯୋଗ। ନାବାଳିକା ଦୁଷ୍କର୍ମ ମାମଲାରେ ନାରାୟଣ ସାଇ ମଧ୍ୟ ଜେଲରେ ଅଛନ୍ତି। ଆଶାରାମ ଓ ନାରାୟଣ ଉଭୟେ ଏବେ ଜେଲରେ ଥିବାରୁ ତାଙ୍କୁ ପ୍ରାୟ ଦଶ ହଜାର କୋଟିରୁ ଅଧିକ ସଂପତ୍ତିର ମାଲିକ କିଏ ହେବ। କିଏ ସମ୍ଭାଳିବ ତାଙ୍କର ଧାର୍ମିକ ସାମ୍ରାଜ୍ୟ। ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏପର୍ଯ୍ୟନ୍ତ କାହାକୁ ତାଙ୍କର ଉତ୍ତରାଧିକାରୀ ଭାବେ ଘୋଷଣା କରାଯାଇନାହିଁ।

ଆଶାରାମଙ୍କ ଉପରେ ହୋଇଥିବା ଅଭିଯୋଗକୁ ସେ ବିଭିନ୍ନ ସମୟରେ ଖଣ୍ଡନ କରିଆସିଛନ୍ତି। ଏପରିକି ତାଙ୍କ ଭକ୍ତମାନେ ମଧ୍ୟ ଆଶାରାମଙ୍କୁ ବଦନାମ କରିବା ପାଇଁ ଏଭଳି ମିଛ ମାମଲାରେ ଫସାଇ ଦିଆଯାଇଥିବା ଅଭିଯୋଗ କରିଥିଲେ। ତେବେ ଦୁଷ୍କର୍ମ ମାମଲାରେ କୋର୍ଟ ଆଶାରାମଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଫଳରେ ସେଇ ଦିନଠାରୁ ବିବାଦୀୟ ଆଧ୍ୟାତ୍ମିକ ଗୁରୁ ଆଶାରାମ ବିବାଦ ଘେରରେ ଛନ୍ଦି ହୋଇ ଜେଲରେ ଜୀବନ କାଟୁଛନ୍ତି। ତଥାପି ଏବେ ମଧ୍ୟ ବାପୁଙ୍କ ଅନେକ ଭକ୍ତ ରହିଛନ୍ତି। ଯେଉଁମାନେ ଆଶାରାମଙ୍କୁ ଭଗବାନ ଭାବେ ପୂଜା କରନ୍ତି।

# ଆଜୀବନ କାରାଦଣ୍ଡରେ ବାବା ରାମପାଳ



**ବାବା ରାମପାଲ । ଜଣେ ଆତ୍ମଘୋଷିତ ଆଧ୍ୟାତ୍ମିକ ଗୁରୁ । ଏକଦା ସେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ କାରଣ ପାଇଁ ବିବାଦ ଘେରକୁ ଟାଣି ହୋଇଆସିଲେ । ହତ୍ୟା ଏବଂ ଦେଶଦ୍ରୋହ ମାମଲାରେ ୨୦୧୪ ନଭେମ୍ବର ୨୦ରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ସେହିଦିନଠାରୁ ବିବାଦୀୟ ବାବାଙ୍କ ନାମ ତାଲିକାରେ ଯୋଡ଼ି ହୋଇଯାଇଛି ତାଙ୍କ ନାମ ।**

## ରାମପାଲରୁ ସନ୍ଥ ରାମପାଲ

୧୯୫୧ ମସିହା ୮ ସେପ୍ଟେମ୍ବରରେ ହରିୟାଣାର ସୋନିପତ ଜିଲ୍ଲା ଅନ୍ତର୍ଗତ ଧନାନା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ରାମପାଲ । ତାଙ୍କ ବାପାଙ୍କ ନାମ ଭଗତ ନନ୍ଦରାମ ଏବଂ ମାଆଙ୍କ ନାମ ଭଗତବତୀ ଇନ୍ଦ୍ରୋ ଦେବୀ । ଉଚ୍ଚଶିକ୍ଷା ଗ୍ରହଣ କରିବା ପରେ ରାମପାଲ ହରିୟାଣାରେ କନିଷ୍ଠ ଇଞ୍ଜିନିୟର ଭାବେ ଚାକିରି କରୁଥିଲେ । ଏହି ସମୟରେ ସେ ସନ୍ଥ ସ୍ୱାମୀ ରାମଦେବାନନ୍ଦ ମହାରାଜଙ୍କ ସଂସ୍ପର୍ଶରେ ଆସି ତାଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ । ରାମଦେବାନନ୍ଦଙ୍କ ଶିଷ୍ୟତ୍ୱ ଗ୍ରହଣ ପରେ ୧୯୯୫ ମସିହାରେ ସେ ୧୮ ବର୍ଷର ଚାକିରିରୁ ଇସ୍ତଫା ଦେଇ ନିଜକୁ ସନ୍ଥ ଭାବେ ପରିଚିତ କରାଇଥିଲେ । ସେ କବୀରଙ୍କ ଅନୁଗାମୀ ବୋଲି ପ୍ରଚାର କରିବା ସହ ତାଙ୍କ ଭଜନ ସଙ୍ଗୀତ ଶୁଣୁଥିଲେ । ପରବର୍ତ୍ତୀ ସମୟରେ ସେ ବିଭିନ୍ନ ସ୍ଥାନରେ ସତ୍‌ସଙ୍ଗର ଆୟୋଜନ କରି ପ୍ରବଚନ ଦେବାକୁ ଲାଗିଲେ । ପ୍ରବଚନ ଶୁଣି ଲୋକେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଧୀରେ ଧୀରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା ।




## ବିବାଦରେ ରାମପାଲ

୨୦୦୬ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଲିଖିତ ଏକ ପୁସ୍ତକ ଉପରେ ସନ୍ଥ ରାମପାଲ ଏକ ଟିପ୍ପଣୀ ଦେଇ ବିବାଦ ଘେରକୁ ଟାଣିହୋଇଥିଲେ । ଆର୍ଯ୍ୟ ସମାଜ ପକ୍ଷରୁ ରାମପାଲଙ୍କ ଏହି ଟିପ୍ପଣୀକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ଆର୍ଯ୍ୟ ସମାଜର ଲୋକେ ବିରୋଧ କରିଥିଲେ । ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗ ହିଂସାର ରୂପ ନେବାକୁ ଲାଗିଥିଲା । ହିଂସାକାଣ୍ଡରେ ଆର୍ଯ୍ୟ ସମାଜର ଜଣେ ଅନୁଗାମୀଙ୍କର ମୃତ୍ୟୁ ଘଟିଥିଲା । ହିଂସାର ତର୍ଜମା କରିବା ସହିତ ରାମପାଲଙ୍କ ୨୪ ଜଣ ଅନୁଗାମୀଙ୍କୁ ଗିରଫ କରିଥିଲେ । ଏହା ସହ ଉକ୍ତ ଆଶ୍ରମକୁ କବ୍‌ଜାରେ ନେଇଥିଲା ହରିୟାଣା ପୋଲିସ । କିନ୍ତୁ ୨୦୦୯ ମସିହାରେ ରାମପାଲ ପୁଣିଥରେ ନିଜ ଆଶ୍ରମକୁ ଫେରି ପାଇଥିଲେ । ଏ ବିଷୟରେ ଆର୍ଯ୍ୟସମାଜର ଲୋକ ସେମାନେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ସେମାନଙ୍କ ଆବେଦନକୁ ଖାରଜ କରିବା ପରେ ୨୦୧୩ ମସିହାରେ ପୁନର୍ବାର ଆର୍ଯ୍ୟ ସମାଜର ଲୋକ ଏବଂ ସନ୍ଥ ରାମପାଲଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଗଣ୍ଡଗୋଳ ନିୟନ୍ତ୍ରଣ କରିବାକୁ ଆସିଥିବା ପୋଲିସ୍ ଉପରକୁ ବାବାଙ୍କ ଶିଷ୍ୟମାନେ ଆକ୍ରମଣ କରିଥିଲେ । ଆଶ୍ରମ ଭିତରେ ଲୁଚି ରାମପାଲ ଶିଷ୍ୟମାନଙ୍କୁ ଏଥିପାଇଁ ଉସୁକାଇଥିଲେ । ଆଶ୍ରମରୁ ବୋମା, ମାରଣାସ୍ତ୍ର, ଏସିଡ୍ ଆଦି ପୋଲିସ ଜବତ କରିଥିଲା । ଆଶ୍ରମରୁ ଏପରି ଆପତିଜନକ ସାମଗ୍ରୀ ଜବତ ହେବା ଲୋକଙ୍କୁ ଚକିତ କରିଦେଇଥିଲା ।

## 'ସତ୍‌ଲୋକ ଆଶ୍ରମ' ପ୍ରତିଷ୍ଠା

୧୯୯୯ ମସିହାରେ ରାମପାଲ ଏକ ଟ୍ରଷ୍ଟ ଗଠନ କରି ଅର୍ଥ ଯୋଗାଡ଼ କରିବାରେ ଲାଗିଲେ । ଏହି ଅର୍ଥରେ ସେ ମହାରାଜ "ସତ୍‌ଲୋକ ଆଶ୍ରମ" ନିର୍ମାଣ କରିଲେ । କରୋନ୍ଥା ଗ୍ରାମର କମଲାଦେବୀ ନାମକ ଜଣେ ମହିଳା ବାବା ରାମପାଲ ଦାସ ମହାରାଜଙ୍କୁ ଆଶ୍ରମ ନିର୍ମାଣ ପାଇଁ ଜମି ପ୍ରଦାନ କରିଥିଲେ । ଏହି ଆଶ୍ରମରେ ନିୟମିତ ସତ୍‌ସଙ୍ଗ ହେଉଥିଲା । ଯେଉଁଦିନ ରାମପାଲ ଦୀକ୍ଷା ଗ୍ରହଣ କରିଥିଲେ, ସେବେଠୁ ସେ ସେହି ଦିନକୁ ନିଜ ଜନ୍ମଦିନ ମାନି ନେଇଥିଲେ । ରାମପାଲଙ୍କ ଶିଷ୍ୟ ଏହି ଦିନକୁ 'ବୋଧ ଦିବସ' ଭାବେ ପାଳନ କରିଥାନ୍ତି । ସେ କଷ୍ଟ ନିବାରଣ ନାଁରେ ବିଶେଷ ପୂଜାର୍ଚ୍ଚନା କରୁଥିଲେ । ଯେଉଁଥିପାଇଁ ପ୍ରତି ସପ୍ତାହ କିମ୍ବା ୧୫ ଦିନରେ ହଜାର ହଜାର ଲୋକ ହାଜିରା ପକାଇବାକୁ ଆସୁଥିଲେ । ଏହି କଥିତ ପୂଜା ପାଇଁ ରାମପାଲ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୯ ହଜାର ଟଙ୍କା ଆଦାୟ କରୁଥିଲେ । ହେଲେ ଆର୍ଯ୍ୟ ସମାଜର କିଛି ଲୋକ ରାମପାଲଙ୍କୁ ବିରୋଧ କରିବାକୁ ଲାଗିଲେ ।




## ହତ୍ୟା ଅଭିଯୋଗ

୧୨ ଜୁଲାଇ ୨୦୦୬ରେ 'ସତ୍‌ଲୋକ ଆଶ୍ରମ' ହିଂସାକାଣ୍ଡରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ସହିତ ୬୪ ଜଣ ଆହତ ହୋଇଥିଲେ । ସେ ସମୟରେ ରାମପାଲଙ୍କ ବିରୋଧରେ ପ୍ରଥମ ହତ୍ୟା ମାମଲା ରୁଜୁ ହୋଇଥିଲା । କିଛି ମାସ ଜେଲ୍‌ରେ ରହି ରାମପାଲ ୨୦୦୮ରେ ପୁଣି ବାହାରକୁ ଆସିଥିଲେ । ହେଲେ ତାଙ୍କ ନାଁରେ ଦେଶଦ୍ରୋହ ଏବଂ ହତ୍ୟା ପରି ସଙ୍ଗିନ ଧାରା ଚାଲିଥିଲା । ସେ ପୁଣି ଥରେ ବାହାରକୁ ଆସିବା ପରେ ରକ୍ତମୁଖା ହୋଇ ଅନେକ ଲୋକ ତାଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଗଣ୍ଡଗୋଳରେ ଗୁଳି ଓ ବୋମା ମାଡ଼ରେ ୧୧୩ରୁ ଅଧିକ ଲୋକ ଆହତ ହୋଇଥିବାବେଳେ ଜଣେ ମହିଳା ଓ ଜଣେ ନାବାଳକଙ୍କ ଜୀବନ ଚାଲିଯାଇଥିଲା । ଏହି ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ କାରଣକୁ ଭିତ୍ତିକ କରି ହିସାର କୋର୍ଟ ରାମପାଲଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲା । ତେବେ ୨୦୨୨ ମସିହାରେ ସତ୍‌ଲୋକ ଆଶ୍ରମ ହିଂସାକାଣ୍ଡ ମାମଲାରେ ରାମପାଲଙ୍କ ସମେତ ୨୩ ଜଣ ଅଭିଯୁକ୍ତଙ୍କୁ ଜେଲରୁ ମୁକ୍ତ ହୋଇଥିଲେ ।

## ବିବାଦୀୟ ଦୁଇ ବାବା

# ନିର୍ମଳ ବାବା ଓ ସ୍ୱାମୀ ଓମ୍ ବାବା




ଭାରତରେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଏବଂ ଧର୍ମଗୁରୁମାନଙ୍କର ଏକ ଆଦର୍ଶ ସ୍ଥାନ ରହିଛି । ତେବେ କିଛି ବାବା ଏଭଳି ଅଛନ୍ତି, ଯେଉଁମାନେ କି ନିଜକୁ ଆତ୍ମଘୋଷିତ ଭଗବାନ ତଥା ଈଶ୍ୱରୀୟ ଶକ୍ତିର ଅଧିକାରୀ ବୋଲି କହି ବିବାଦୀୟ ସ୍ଥିତି ସୃଷ୍ଟି କରିଛନ୍ତି । ସେମିତି ଦୁଇଜଣ ହେଲେ ସ୍ୱାମୀ ଓମ୍ ବାବା ଏବଂ ନିର୍ମଳ ବାବା ।

## ନିର୍ମଳ ଦରବାର

'ଗୁପ୍‌ଚୁପ୍ ଖଟା ପାଣି ପିଅ କୃପା ପ୍ରାପ୍ତି ହେବ', 'ଚକ୍‌ଲେଟ୍ ଖାଇଲେ ବିଗିଡ଼ିଥିବା କାମ ପୂରଣ ହେବ', 'ପକେଟ୍‌ରେ ନୂଆ କଳା ପର୍ସ ରଖ, କୃପା ମିଳିବ ।' ଏହିଭଳି ଅନେକ ଅଜବ ଅଜବ ଉପାୟ କହି ଲୋକଙ୍କୁ କାମ ହୋଇଯିବା ଦାବି କରି ଭଣ୍ଡାଉ ଥିଲେ ନିର୍ମଳ ବାବା । ସେ ତାଙ୍କ ତୃତୀୟ ନୟନ ମାଧ୍ୟମରେ ଭକ୍ତଙ୍କ କଷ୍ଟକୁ ଦେଖି, ତାହାକୁ ଦୂର କରୁଥିଲେ । ଝାଡ଼ଖଣ୍ଡ ନିବାସୀ ନିର୍ମଳ ଜିତ୍ ସିଂହ ନରୁଲାରୁ ନିର୍ମଳ ବାବା ହେବାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ । ସେ କୃପା ବାବା ନାଁରେ ପ୍ରସିଦ୍ଧ । ଧର୍ମ ଓ ଆସ୍ଥା ନାଁରେ ସେ କୋଟି କୋଟି ଟଙ୍କା ଲୋକଙ୍କଠାରୁ ଲୁଟିଥିବା ତାଙ୍କ ନାଁରେ ଅଭିଯୋଗ ରହିଛି ।

ନିର୍ମଳ ଜିତ୍ ସିଂହ ନରୁଲା ଓରଫ୍ ନିର୍ମଳ ବାବା ୧୯୮୧ରେ ବ୍ୟବସାୟ ଆରମ୍ଭ କରିଥିଲେ । ତେବେ ଗୋଟିଏ ପରେ ଗୋଟିଏ ଅନେକ ବ୍ୟବସାୟ ବଦଳାଇବା ପରେ ବି କୌଣସି କାମରେ ସେ ସଫଳ ହେଲେ ନାହିଁ । ତା'ପରେ ସେ ନିଜକୁ ସନ୍ଥ ବୋଲି ଘୋଷଣା କରିବାକୁ ଉଚିତ ମଣିଲେ । ଶେଷରେ ସେ 'ନିର୍ମଳ ବାବା' ନାଁରେ ପରିଚିତ ହେଲେ । ବାବା ଭାବେ ପରିବର୍ତ୍ତନ ହେବା ପରେ ସେ 'ନିର୍ମଳ ଦରବାର' ଆରମ୍ଭ କଲେ । ତାଙ୍କ ଦରବାରକୁ ଲୋକେ ହଜାର ଟଙ୍କା ଦେଇ ପ୍ରବେଶ କରୁଥିଲେ । ସେ ତାଙ୍କ ଦିବ୍ୟ ଦୃଷ୍ଟି ବଳରେ ଏହି ଦରବାରରେ ଲୋକଙ୍କ ସମସ୍ୟା ସମାଧାନ କରୁଥିଲେ । ନିର୍ମଳା ବାବା କୌଣସି ଦେବତା ଏବଂ ଲକ୍ଷ୍ମୀମା'ଙ୍କ କୃପା ଅଭାବ କଥା କହି ଲୋକଙ୍କୁ କାଳଭୈରବଙ୍କ ପାଖରେ ମଦ ଲାଗି କରିବାକୁ କହୁଥିଲେ । ତା'ସହ ପିଜ୍ଜା, ସିଙ୍ଗଡ଼ା, ଗୁପ୍‌ଚୁପ୍ ଆଦି ଭକ୍ତମାନଙ୍କୁ ଖାଇବାକୁ ପରାମର୍ଶ ଦେଉଥିଲେ । କିନ୍ତୁ ତାଙ୍କ ନାଁରେ ଅବୈଧ ଉପାୟରେ ଅର୍ଥ ଠକିବା ମାମଲା ଲାଗିଲା । ଫଳରେ ବିବାଦ ଘେରକୁ ଟାଣି ହୋଇଆସିଥିଲେ । ■



## ଚର୍ଚ୍ଚିତ ବାବା ସ୍ୱାମୀ ଓମ୍



ସ୍ୱାମୀ ଓମ୍ ବାବା ସର୍ବଦା ବିବାଦ ପାଇଁ ହିଁ ଚର୍ଚ୍ଚାରେ ରହି ଆସୁଥିଲେ । ତାଙ୍କର ପ୍ରକୃତ ନାଁ ଥିଲା ବିନୋଦ ଆନନ୍ଦ ଏସ୍. ସଦାଚାରୀ ସାଇବାବା । ୧୯୫୭ ଡିମେମ୍ବର ୨୪ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ସ୍ୱାମୀ ଓମ୍ ବାବା । ଅନ୍ୟପଟେ ତାଙ୍କ ବେଶଭୂଷା ତାଙ୍କୁ ଚର୍ଚ୍ଚାରେ ରଖୁଥିଲା । ସେ ତାଙ୍କ ଗଳାରେ ଡର୍ଜନେରୁ ଅଧିକ ମାଳା ପିନ୍ଧୁଥିଲେ । ଏହାବାଦ୍ ସେ ବେକରେ ଏକ ବଡ଼ ଓମ୍ ବି ପକାଉ ଥିଲେ । ଯଦିଓ ତାଙ୍କୁ କୌଣସି ମଠ ତଥା କୌଣସି ଅନ୍ୟ ସ୍ଥାନରୁ ବାବାର ପରିଚୟ ମିଳି ନ ଥିଲେ ବି ସେ ନିଜକୁ ବାବା ବୋଲି କହିବାକୁ ପସନ୍ଦ କରୁଥିଲେ । ତେବେ ସେ କୁଣ୍ଡଳି ଦେଖୁଥିବା ବାବା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

ସ୍ୱାମୀ ଓମ୍ ବାବା ନିଜକୁ ସଂସ୍କୃତ ଭାଷାରେ ବିଦ୍ୱାନ ବୋଲି ଦାବି କରୁଥିଲେ । ସେ ଆଷ୍ଟ୍ରୋଲୋଜିରେ ପିଏଚ୍‌ଡି କରିଥିଲେ । ତେବେ ଏହି ପିଏଚ୍‌ଡି ଉପାଧି ତାଙ୍କୁ କେଉଁ ବିଷୟରେ ଓ କେବେ ମିଳିଥିଲା, ତାହା ବାବା ବଞ୍ଚିଥିବା ଅବସ୍ଥାରେ ବି ଜଣାପଡ଼ିଲା ନାହିଁ । ୨୦୧୭ରେ ସେ ବିଗ୍‌ବସ୍ ସିଜନ୍-୧୦ରେ ନଜର ଆସିଲେ । ଏହି ସିଜନ୍‌ରେ ସେ ଥିଲେ ସବୁଠୁ ଚର୍ଚ୍ଚିତ ଓ ବିବାଦୀୟ ପ୍ରତିଯୋଗୀ । ଏହି ଶୋ'ରେ ଏକାଧିକ ଥର ସେ ନିଜ ସୀମା ଅତିକ୍ରମ କରିଥିଲେ । ବିଗ୍ ବସ୍ ଘରେ ରୋହମ୍ ମେହେରା ଓ ବାଣୀ ଜିଙ୍କ ଉପରେ ପରିସ୍ରା ଫିଙ୍ଗିଥିଲେ ସ୍ୱାମୀ ଓମ୍ । ଫଳରେ ତାଙ୍କୁ ଜବରଦସ୍ତ ବିଗ୍‌ବସ୍ ଘରୁ ବାହାର କରି ଦିଆଯାଇଥିଲା । ଏପରିକି ସଲମାନ ଖାନ୍‌ଙ୍କୁ ଚାପୁଡ଼ା ମାରିଥିବା ବି ଅଭିଯୋଗ ହୋଇଥିଲା । ରାଜନୀତିରେ ବି ସେ ବେଶ୍ ସକ୍ରିୟ ଥିଲେ । ୨୦୧୯ରେ ଦିଲ୍ଲୀ ଲୋକସଭା ଆସନରୁ ନିର୍ବାଚନ ଲଢ଼ିଲେ । ଏକ ସାକ୍ଷାତକାରରେ ସ୍ୱାମୀ ଓମ୍ ଜଣେ ଜ୍ୟୋତିର୍ବିଦଙ୍କୁ ଚାପୁଡା ମାରିବା କଥାକୁ ନେଇ ଏହା ଉପରେ ଖୁବ୍ ବିବାଦ ହୋଇଥିଲା ।

ତେବେ ମହିଳାଙ୍କୁ ଅସମ୍ମାନ ଓ ଅପମାନିତ କରିବା ଯୋଗୁଁ ସେ ସବୁବେଳେ ବିବାଦ ଘେରରେ ରହି ଆସୁଥିଲେ । ଏକଦା ଦିଲ୍ଲୀର ଜନ୍ତରମନ୍ତରରେ ଅମରନାଥ ଯାତ୍ରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ବିରୋଧ ପ୍ରଦର୍ଶନ କରୁଥିଲେ ଓ ସେଠାରେ ସ୍ୱାମୀ ଓମ୍‌କୁ ନିମନ୍ତ୍ରଣ କରାଯାଇ ନ ଥିଲା । କିନ୍ତୁ ସେ ସେଠାରେ ପହଞ୍ଚିଲେ । ତେବେ ମହିଳାଙ୍କୁ ଅସମ୍ମାନ ଓ ଅପମାନିତ କରିବା ଯୋଗୁଁ ସେ ସବୁବେଳେ ବିବାଦ ଘେରରେ ରହି ଆସୁଥିଲେ । ବିଭିନ୍ନ ସମୟରେ ମହିଳାଙ୍କୁ ନେଇ ଅନେକ ଆପତ୍ତିଜନକ କଥା କହିଥିଲେ । ଏହି କାରଣ ଯୋଗୁଁ ସେଠାରେ ସ୍ୱାମୀ ଓମ୍‌ଙ୍କୁ ଦେଖି ମହିଳାମାନେ ମାଡ଼ ମାରିଥିଲେ । ତେବେ ଐଶ୍ୱରୀୟ ଶକ୍ତିର ଅଧିକାରୀ ବୋଲି ଲୋକଙ୍କୁ ଠକିଥିବା ଏହି ବାବାଙ୍କ ପରଲୋକ ୨୦୨୧ ମସିହା ୬୩ ବର୍ଷ ବୟସରେ ହୋଇଥିଲା । ■


# ବିବାଦରେ ଆଧ୍ୟାତ୍ମିକ ଗୁରୁ

ସାଧାରଣତଃ ବାବାଙ୍କ କଥା କହିଲେ, ଶୁଦ୍ଧ, ସାତ୍ତ୍ୱିକ ଓ ସମାଜର ପଥପ୍ରଦର୍ଶକ ଭାବେ ଜଣେ ବ୍ୟକ୍ତିଙ୍କର ଛବି ମାନସପଟରେ ଉଙ୍କି ମାରେ । ସେମାନଙ୍କ ମଧ୍ୟରୁ କିଛି ବାବା ଲୋକଙ୍କ ବିଶ୍ୱାସ, ଆବେଗ, ଭାବନାକୁ ଭିତ୍ତିକରି ପ୍ରସିଦ୍ଧି ଲାଭ କରୁଥିବାବେଳେ ଆଉ କେତେକ ବାବା ଭ୍ରଷ୍ଟାଚାର, ଦୁର୍ନୀତି, ହତ୍ୟା, ଅପହରଣ, ଦୁଷ୍କର୍ମ ଆଦି ମାମଲାରେ ଛନ୍ଦି ହୋଇ ବିବାଦ ଘେରକୁ ଟାଣି ହୋଇଆସିଥାନ୍ତି । କିଛି ବାବା ବିଭିନ୍ନ ମାମଲାରେ ଗିରଫ ହୋଇଛନ୍ତି । ପରବର୍ତ୍ତୀ ସମୟରେ ସେମାନଙ୍କୁ ଜେଲଦଣ୍ଡାଦେଶ ମଧ୍ୟ ହୋଇଛି । ସେହିପରି କେତେକ ବିବାଦୀୟ ବାବାଙ୍କୁ ନେଇ ଏହି ଉପସ୍ଥାପନା ।

## ଜୟେନ୍ଦ୍ର ସରସ୍ୱତୀ

ଶ୍ରୀ ଜୟେନ୍ଦ୍ର ସରସ୍ୱତୀ । କାଞ୍ଚି କାମକୋଟି ପୀଠର ୬୯ତମ ଶଙ୍କରାଚାର୍ଯ୍ୟ । ଏକ ହତ୍ୟା ମାମଲାରେ ବିବାଦ ଘେରକୁ ଟାଣି ହୋଇଆସିଥିଲେ । ୩ ସେପ୍ଟେମ୍ବର ୨୦୦୪ ମସିହାରେ ତାମିଲନାଡୁର କାଞ୍ଚିପୁରମ୍ ପୀଠର ପୂର୍ବତନ ଆକାଉଣ୍ଟେଣ୍ଟ ଶଙ୍କର ରମନ୍‌ଙ୍କୁ ହତ୍ୟା କରାଯାଇଥିଲା । ସେ ଶଙ୍କରାଚାର୍ଯ୍ୟଙ୍କ ବିରୁଦ୍ଧରେ ଆର୍ଥିକ ଅନିୟମିତା ଅଭିଯୋଗ ଆଣିଥିଲେ । ତେଣୁ ତାଙ୍କୁ ହତ୍ୟା କରିବା ପାଇଁ ଜୟେନ୍ଦ୍ର ସରସ୍ୱତୀ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ଏ ସଂପର୍କରେ ଶଙ୍କର ରମନଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ୧୧ ନଭେମ୍ବର ୨୦୦୪ ମସିହାରେ ଶଙ୍କର ହତ୍ୟାକାଣ୍ଡ ମାମଲାରେ ପୋଲିସ ଜୟେନ୍ଦ୍ରଙ୍କୁ ଆନ୍ଧ୍ର ପ୍ରଦେଶର ମେହବୁବ ନଗରରୁ ଗିରଫ କରିଥିଲା । ଏହି ମାମଲାରେ ଜୟେନ୍ଦ୍ର ସରସ୍ୱତୀଙ୍କୁ ୯ ବର୍ଷ ପର୍ଯ୍ୟନ୍ତ ଜେଲରେ ବନ୍ଦୀ ଜୀବନ କଟାଇବାକୁ ପଡ଼ିଥିଲା । ଏହି ମାମଲାକୁ ନେଇ ସେତେବେଳେ ସରଗରମ ଆଲୋଚନା ଲାଗି ରହିଥିଲା । ତାଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ମଧ୍ୟ ରହିଥିଲା ।






## ସନ୍ତୋଷ ମାଧବନ୍

ବିବାଦୀୟ ଧର୍ମଗୁରୁ ସନ୍ତୋଷ ମାଧବନ୍ । କେରଳର ଏହି ସନ୍ଥଙ୍କ ନାଁରେ ରହିଛି ଅନେକ ଅଭିଯୋଗ । ଦୁଷ୍କର୍ମ, ଠକେଇ ଆଦି ବିଭିନ୍ନ ଅପରାଧିକ ମାମଲା ଥିଲା ସନ୍ତୋଷ ମାଧବନଙ୍କ ନାମରେ । ମନ୍ଦିରର ପୂଜକରୁ ଜ୍ୟୋତିଷ ପାଲଟିଥିବା ଏହି ଆତ୍ମଘୋଷିତ ଆଧ୍ୟାତ୍ମିକ ଗୁରୁଙ୍କ ନାଁରେ ୫୦ ଲକ୍ଷ ଟଙ୍କାର ଠକେଇ, ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ରହିଛି । ଭକ୍ତଙ୍କର ସରଳତାର ସୁଯୋଗ ନେଇ ସେ ବିଭିନ୍ନ ଦୁର୍ନୀତି ଓ ବ୍ୟଭିଚାର କରୁଥିଲେ । ପ୍ରତିଷ୍ଠିତ ରାଜନେତାଙ୍କ ଛତ୍ରଛାୟା ତଳେ ରହି ସେ ଅନେକ ଅପରାଧିକକାଣ୍ଡ ଘଟାଇ ଚାଲିଥିଲେ ବୋଲି ଅଭିଯୋଗ ହୋଇଥିଲା । ଦୁଷ୍କର୍ମ ଓ ଠକେଇ ମାମଲାରେ ୨୦୦୮ ମସିହାରେ ସେ ଗିରଫ ହୋଇଥିଲେ । ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ୧୯ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା ।

## କୃପାଲୁଜୀ ମହାରାଜ



ଜଣେ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଜଗତ୍‌ଗୁରୁ ଶ୍ରୀ କୃପାଲୁଜୀ ମହାରାଜ । କୃପାଲୁଜୀ ମହାରାଜାଙ୍କ ପ୍ରକୃତ ନାମ ରାମ କ୍ରିପାଲ ତ୍ରିପାଠୀ । 'ଜଗତ୍‌ଗୁରୁ କୃପାଲୁ ପରିଷଦ' ନାମରେ ସେ ଏକ ବିଶ୍ୱସ୍ତରୀୟ ହିନ୍ଦୁ ସଂଗଠନ ଗଠନ କରିଥିଲେ । ସେତେବେଳେ ଏହାର ପାଞ୍ଚୋଟି ଆଶ୍ରମ ପୂରା ବିଶ୍ୱରେ ସ୍ଥାପିତ ହୋଇଥିଲା । ତାଙ୍କର ଲକ୍ଷ ଲକ୍ଷ ଅନୁଗାମୀ ରହିଛନ୍ତି । ତେବେ କେତେକ ଘଟଣା ପାଇଁ ସେ ବିବାଦ ଘେରକୁ ଟାଣି ହୋଇଆସିଥିଲେ । ତାଙ୍କ ନାମରେ ଅପହରଣ ଓ ଦୁଷ୍କର୍ମ ଜନିତ ମାମଲାରେ ଦୁଇଟି କେଶ୍ ରୁଜୁ ହୋଇଥିଲା । ୨୦୦୭ ମସିହାରେ ଜଣେ ବିଦେଶିନୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ସେ ଗିରଫ ହୋଇଥିଲେ । ଉତ୍ତର ପ୍ରଦେଶର ପ୍ରତାପଗଡ଼ଠାରେ ଥିବା ବାବାଙ୍କ ଆଶ୍ରମରେ ଦଳଚକଟା ଯୋଗୁଁ ୬୩ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ସେ ବିବାଦ ଘେରରେ ଛନ୍ଦି ହୋଇଥିଲେ ।

## ଚନ୍ଦ୍ରସ୍ୱାମୀ



ଚନ୍ଦ୍ରସ୍ୱାମୀ ଜଣେ ତାନ୍ତ୍ରିକ ତଥା ଭାରତୀୟ ରାଜନୀତିରେ ଜଣେ ବିବାଦୀୟ ବାବା ଭାବେ ପରିଚିତ । କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ସେ ପ୍ରସିଦ୍ଧି ଲାଭ କରିଥିଲେ । ଏଥି ସହିତ ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ଅତି ଘନିଷ୍ଠ ଥିଲେ । ତାଙ୍କର ପ୍ରକୃତ ନାମ ନେମିଚାନ୍ଦ ଜୈନ । ସେ କୌଣସି ଶିକ୍ଷା ଲାଭ କରିନଥିଲେ । ପିଲାବେଳୁ ତାଙ୍କର ତନ୍ତ୍ରସାଧନା ପ୍ରତି ରୁଚି ରହିଥିଲା । ତେଣୁ ମାତ୍ର ୧୬ ବର୍ଷ ବୟସରେ ସେ ନିଜକୁ ତାନ୍ତ୍ରିକ ଭାବେ ବିବେଚନା କରିଥିଲେ । ପରବର୍ତ୍ତୀ ସମୟରେ ସେ ବହୁ ବିବାଦରେ ଛନ୍ଦି ହୋଇଥିଲେ । ୧୯୯୬ ମସିହାରେ ଲଣ୍ଡନର ଜଣେ ବ୍ୟବସାୟୀଙ୍କଠାରୁ ୧୦୦,୦୦୦ ଡଲାର ଠକେଇ କରିଥିବା ମାମଲାରେ ସେ ଗିରଫ ହୋଇଥିଲେ । ଅର୍ଥନୈତିକ ଅନିୟମିତତା, ଠକେଇ ମାମଲାକୁ ନେଇ ସେ ବିବାଦରେ ରହିଥିଲେ ।

## ସ୍ୱାମୀ ପରମାନନ୍ଦ



ଉତ୍ତର ପ୍ରଦେଶର ବାରବାଙ୍କୀ ଜିଲ୍ଲାର ପ୍ରତିଷ୍ଠିତ ବାବା ଭାବେ ସ୍ୱାମୀ ପରମାନନ୍ଦ ଚର୍ଚ୍ଚାରେ ରହିଥିଲେ । ତାଙ୍କର ପ୍ରକୃତ ନାମ ରମକୃଷ୍ଣ ତିୱାରୀ । ଅପୁତ୍ରିକ ମହିଳାଙ୍କୁ ପୁତ୍ର ସନ୍ତାନ ପ୍ରାପ୍ତି ବର ଦେବାରେ ବାବା ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ଭକ୍ତମାନଙ୍କର ବିଶ୍ୱାସ ରହିଥିଲା ଯେ, ବାବାଙ୍କ ଆଶୀର୍ବାଦରୁ ନିଃସନ୍ତାନ ମହିଳାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ । ତେଣୁ ବାବାଙ୍କ ଆଶ୍ରମରେ ନିଃସନ୍ତାନ ମହିଳାଙ୍କର ଭିଡ଼ ଜମୁଥିଲା । ବାବା ଭକ୍ତଙ୍କ ତାଲିକାରେ ସାଧାରଣ ଲୋକଙ୍କ ସମେତ ଆଇପିଏସ୍, ଆଇଏଏସ୍ ଓ ରାଜନେତା ମଧ୍ୟ ଥିଲେ । ୨୦୧୬ ମସିହାରେ କିଛି ମହିଳାଙ୍କ ସହ ବାବାଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ୍ ହୋଇଥିଲା । ପରବର୍ତ୍ତୀ ସମୟରେ ଯୌନ ଶୋଷଣ ଅପରାଧରେ ଉତ୍ତରପ୍ରଦେଶ ପୋଲିସ ବାବାଙ୍କୁ ଗିରଫ କରିଥିଲା । ମହିଳାଙ୍କୁ ସନ୍ତାନ ପ୍ରାପ୍ତି ହେବା ପାଇଁ ବାବା ସେମାନଙ୍କ ସହ ଯୌନସମ୍ପର୍କ ସ୍ଥାପନ କରୁଥିବା ଅଭିଯୋଗ ହୋଇଥିଲା । କିନ୍ତୁ ବାବା ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ । ତାଙ୍କୁ ମିଥ୍ୟା ଅଭିଯୋଗରେ ଫସା ଯାଉଥିବା କହିଥିଲେ । ଜେଲ୍‌ରୁ ଜାମିନରେ ଆସିବା ପରେ ୨୦୨୪ ମସିହାରେ ଲକ୍ଷ୍ନୌର ଲୋରୀ ହସ୍ପିଟାଲରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା ।




## ସ୍ୱାମୀ ଭୀମାନନ୍ଦ ମହାରାଜ

ଚିତ୍ରକୂଟର ଇଚ୍ଛାଧାରୀ ସ୍ୱାମୀ ଭୀମାନନ୍ଦ ମହାରାଜା । ତାଙ୍କର ମୂଳ ନାମ ଶିବମୂରତ ଦ୍ୱିବେଦୀ । ସେ ଇଚ୍ଛାଧାରୀ ବାବା, ସାଇ ଭକ୍ତ, ସ୍ୱାମିଜୀ ନାମରେ ପ୍ରସିଦ୍ଧ । ଦିନରେ ଗେରୁଆ ବସ୍ତ୍ର ପରିଧାନ କରି ଭଜନ ଗାନ, ପ୍ରବଚନ ପ୍ରଦାନ କରୁଥିଲେ । ଆଉ ରାତିରେ ବେଶ ପରିବର୍ତ୍ତନ କରି ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିଲେ । ଦିଲ୍ଲୀର ଲଜପତ ନଗରରେ ସେ ଏକ ମସାଜ୍ ପାର୍ଲର କରିଥିଲେ । ବେଶ୍ୟାବୃତ୍ତି ଚଳାଉଥିବା ଅଭିଯୋଗରେ ୧୯୯୭ ମସିହାରେ ଦିଲ୍ଲୀ ଲାଜପତ ନଗରରୁ ସେ ଗିରଫ ହୋଇଥିଲେ । ଜେଲରୁ ମୁକ୍ତ ହେବା ପରେ ସେ ନିଜକୁ ସାଇଙ୍କ ସ୍ୱରୂପ ଭାବେ ବିବେଚନା କରିଥିଲେ । ୧୯୮୮ ମସିହାରେ ଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ଭୀମାନନ୍ଦ ବାବା ହେବାର ୧୨ ବର୍ଷ ପରେ କୋଟି କୋଟି ସମ୍ପତ୍ତିର ମାଲିକ ହୋଇଥିଲେ । ତେବେ ସେ ଚିତ୍ରକୂଟରେ ୨୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ନିର୍ମାଣ କରିଛନ୍ତି । ଯାହାକୁ ଲୋକେ ପାପ ଅର୍ଜିତ ଧନରୁ ତିଆରି ହୋଇଥିବା କହନ୍ତି ।

## ସ୍ୱାମୀ ଅଗ୍ନିବେଶ


ଜଣେ ବିଦ୍ୱାନ୍ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ସ୍ୱାମୀ ଆଗ୍ନିବେଶ୍ ବେଶ୍ ଜଣାଶୁଣା । ସେ ହରିୟାଣା ବିଧାନସଭାର ପୂର୍ବତନ ସଦସ୍ୟ । ୨୦୧୧ ମସିହାରେ ଲୋକପ୍ରିୟ ରିଆଲିଟି ସୋ ବିଗ୍‌ବସ୍‌ରେ ଅତିଥି ଭାବେ ତିନିଦିନ ରହିଥିଲେ । ସେହି ସମୟକୁ ସେ ଭ୍ରଷ୍ଟାଚାର ସମେତ ସାମାଜିକ ପ୍ରସଙ୍ଗକୁ ନେଇ ଜନସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ କରିଥିଲେ । ୨୦୧୧ ମସିହାରେ ଭ୍ରଷ୍ଟାଚାର ବିରୋଧ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ଏକ ବିବାଦୀୟ ଭିଡିଓକୁ ନେଇ ବିବାଦ ଘେରକୁ ଟାଣି ହୋଇଆସିଥିଲେ । ତାଙ୍କ ବୟାନକୁ ହିନ୍ଦୁ ବିରୋଧୀ ବୟାନ ଭାବେ ଅଭିହିତ କରି ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।





## ରଜନୀଶ

ଆଚାର୍ଯ୍ୟ, ଭଗବାନ ରଜନୀଶ ଓ ଓଶୋ ନାମରେ ରଜନୀଶ ବେଶ୍ ପରିଚିତ ଥିଲେ । ଭାରତୀୟ ଧର୍ମଗୁରୁ, ଦାର୍ଶନିକ, ରହସ୍ୟବାଦୀ ଓ ରଜନୀଶ ଆନ୍ଦୋଳନର ସଂସ୍ଥାପକ ସେ । ବିଂଶ ଶତାବ୍ଦୀରେ ସେ ଭାତରରେ ବେଶ୍ ଲୋକପ୍ରିୟ ଆଧ୍ୟାତ୍ମିକ ଗୁରୁଭାବେ ପରିଚିତ ଥିଲେ । ତାଙ୍କର ପ୍ରକୃତ ନାମ ଚନ୍ଦ୍ରମୋହନ ଜୈନ । ପିଲାବେଳୁ ହିଁ ତାଙ୍କର ଦର୍ଶନଶାସ୍ତ୍ରରେ ରୁଚି ରହିଥିଲା । ଭିନ୍ନ ଭନ୍ନ ଧର୍ମ ତଥା ବିଚାରଧାରାକୁ ନେଇ ବିଭିନ୍ନ ସ୍ଥାନରେ ସେ ପ୍ରବଚନ ମଧ୍ୟ ଦେଉଥିଲେ । ପ୍ରାରମ୍ଭରେ ଆଚାର୍ଯ୍ୟ ରଜନୀଶ୍ ନାମରେ ପରିଚିତ ଥିଲେ । ପରବର୍ତ୍ତୀ ସମୟରେ ନିଜକୁ ଓଶୋ ଭାବରେ ପରିଚିତ କରାଇଥିଲେ । ଦେଶବିଦେଶରେ ତାଙ୍କର ବହୁ ଅନୁଗାମୀ ରହିଛନ୍ତି । ୧୯୮୧ ରୁ ୧୯୮୫ ମଧ୍ୟରେ ସେ ଆମେରିକା ଚାଲିଯାଇଥିଲେ । ଆମେରିକା ଓରେଗାନ ଅଞ୍ଚଳରେ ସେ ନିଜର ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ । ଆମେରିକାରେ ତାଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ, ଅତ୍ୟାଧୁନିକ ଗାଡ଼ି ବ୍ୟବହାର, ବିଭିନ୍ନ ଡିଜାଇନର ପୋଷାକ ପରିଧାନ କରିବା ଆଦିକୁ ନେଇ ସେ ବିବାଦରେ ରହିଥିଲେ । ୧୯୮୫ ମସିହାରେ ସ୍ଥାନୀୟ ଆଇନର ଉଲ୍ଲଙ୍ଘନ କରିବା ଅଭିଯୋଗରେ ଆମେରିକା ସରକାର ଓଶୋଙ୍କ ଉପରେ ମାମଲା ରୁଜୁ କରିଥିଲେ । ଆମେରିକାରେ ଓଶୋଙ୍କୁ ଅଟକ ରଖାଯାଇ ୪ ଲକ୍ଷ ଡଲାର ଜୋରିମାନା ଦଣ୍ଡାଦେଶ ହୋଇଥିଲା । ଯୌନ ସମ୍ପର୍କକୁ ନେଇ ଟିପ୍ପଣୀ ଦେଇ ମଧ୍ୟସେ ବିବାଦ ଘେରକୁ ଆସିଥିଲେ । ଲୋକେ ତାଙ୍କୁ ଯୌନଗୁରୁ ବୋଲି ସମ୍ବୋଧନ କରୁଥିଲେ ।



## ବାବା ରାମଦେବ

ଯୋଗଗୁରୁ ଭାବେ ବାବା ରାମଦେବ ଦେଶବିଦେଶରେ ପ୍ରସିଦ୍ଧ । ଦେଶବିଦେଶରେ ତାଙ୍କର ବହୁ ଅନୁଗାମୀ ରହିଛନ୍ତି । ଯୋଗାସନ ଓ ପ୍ରାଣାୟାମ ପାଇଁ ସେ ପ୍ରସିଦ୍ଧି ଲାଭ କରିଛନ୍ତି । ବାବା ବିଭିନ୍ନ ସ୍ଥାନକୁ ଯାଇ ଯୋଗଶିବିରର ଆୟୋଜନ କରି ଲୋକଙ୍କ ଯୋଗଶିକ୍ଷା ଦେଇଥାନ୍ତି । ଯେଉଁଠାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏକତ୍ର ହୋଇଥାନ୍ତି । ବାବା ରାମଦେବଙ୍କ ପ୍ରକୃତ ନାମ ରାମକୃଷ୍ଣ ଯାଦବ । ଯୋଗ ଏବଂ ଆୟୁର୍ବେଦକୁ ପ୍ରୋତ୍ସାହିତ କରିବା ପାଇଁ ସେ ପତଞ୍ଜଳୀ ଯୋଗପୀଠର ସ୍ଥାପନା କରିଛନ୍ତି । ତେବେ ପରବର୍ତ୍ତୀ ସମୟରେ ରାମଦେବ ବାବା ଅନେକ ପ୍ରସଙ୍ଗରେ ବିବାଦୀୟ ବୟାନ ଦେଇ ବିବାଦ ଘେରକୁ ଆସିଛନ୍ତି । ବିଶେଷ ଏଲୋପାଥିକ୍ ବ୍ୟବସ୍ଥା ଉପରେ ସେ ବାରମ୍ବାର ଟିପ୍ପଣୀ ଦେଉଥିଲେ । ସେ ଦାବି କରିଥିଲେ ଯେ, ତାଙ୍କ ଦ୍ୱାରା ଲୋକପ୍ରିୟ ପ୍ରାଣାୟାମର ନିୟମିତ ଅଭ୍ୟାସ ଦ୍ୱାରା ଛଅରୁ ନଅ ମାସ ମଧ୍ୟରେ କର୍କଟ ରୋଗ ସମ୍ପୂର୍ଣ୍ଣ ଦୂର ହୋଇଯିବ । ସେହିପରି ଯକୃତ୍, ସ୍ତନ, ଗର୍ଭାଶୟ ଆଦି କର୍କଟ ରୋଗ ଦୂର ହେବ ବୋଲି କହିଥିଲେ । କେବଳ ସେତିକି ନୁହେଁ, ଯୋଗଦ୍ୱାରା ଏଡ୍‌ସ ରୋକିବା ଏବଂ ଏହାର ଚିକିତ୍ସାର ହୋଇପାରିବ ବୋଲି ସେ ଦାବି କରିଥିଲେ । ସେହିପରି ସେ ଯୁକ୍ତି ବାଢ଼ିଥିଲେ ଯେ, ସମଲିଙ୍ଗୀ ଏକ ପ୍ରକାର ରୋଗ, ଯାହାକୁ ଯୋଗାଭ୍ୟାସ ଦ୍ୱାରା ଭଲ କରାଯାଇପାରିବ । ଏ ପ୍ରକାର ଟିପ୍ପଣୀ ଦେଇ ବିଭିନ୍ନ ସମୟରେ ସେ ବିବାଦରେ ରହିଛନ୍ତି । କରୋନା ଟିକାକୁ ନେଇ ମଧ୍ୟ ବାବା ରାମଦେବ ବିବାଦୀୟ ହୋଇପଡ଼ିଥିଲେ ।



## ବାବା ପରମାନନ୍ଦ

ସେହିପରି ବାବା ପରମାନନ୍ଦ ଓରଫ୍ ତ୍ରିଚି ସାଇବାବାଙ୍କ ଭଳି ଭାରତର ଅନେକ ଆତ୍ମଘୋଷିତ ବାବା ବିବାଦ ଘେରକୁ ଟାଣି ହୋଇଆସିଛନ୍ତି । ତେବେ ଏବେ ବି ଅନେକ ସଚ୍ଚୋଟ ବାବା ସାଧନାରତ, ଯେଉଁମାନେ ସମାଜର ମଙ୍ଗଳ ପାଇଁ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ କରୁଛନ୍ତି । ସେଭଳି ବାବା ବା ଆଧ୍ୟାତ୍ମିକ ଗୁରୁମାନଙ୍କ ପ୍ରତି ସମାଜରେ ଲୋକଙ୍କ ଭକ୍ତି ଓ ଶ୍ରଦ୍ଧା ଅତୁଟ ରହିଛି ।

ଉତ୍ତର ପ୍ରଦେଶର ହଥରସର ପ୍ରବଚନ କାର୍ଯ୍ୟକ୍ରମ ପରେ ଦଳାଚକଟାରେ ଅନେକ ନିରୀହ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ସମ୍ବେଦନଶୀଳ ଘଟଣା ପରେ ଭାରତର ଆତ୍ମଘୋଷିତ ବାବାଙ୍କ କଳାକାରନାମାକୁ ନେଇ ସରଗରମ ଆଲୋଚନା ହେଉଛି । କେବଳ ବାବା ନୁହଁନ୍ତି, ଅତୀତରେ ଆତ୍ମଘୋଷିତ ସାଧିକାମାନେ ମଧ୍ୟ ବିବାଦ ଘେରକୁ ଟାଣି ହୋଇ ଆସିଛନ୍ତି । ସେଭଳି ଜଣେ ଆତ୍ମଘୋଷିତ ସାଧିକ ହେଉଛନ୍ତି ରାଧେ ମା' । ଏକଦା ନିଜକୁ ସେ ଦେବୀ ମା' ଭାବେ ଘୋଷଣା କରି ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ନିଜକୁ ଦେବୀଙ୍କ ଅବତାର ବୋଲି କେବଳ କହୁନଥିଲେ, ବରଂ ଦୈବୀ ଶକ୍ତି ପାଇଥିବା ସେ ଦାବି କରୁଥିଲେ । ତାଙ୍କର ବେଶ୍ ଲୋକପ୍ରିୟତା ମଧ୍ୟ ଥିଲା । କିନ୍ତୁ ନିଜ ଜୀବନ ଶୈଳୀ, ପୋଷାକ, ମେକ୍‌ଅପ୍, ଭକ୍ତଙ୍କୁ ଆଲିଙ୍ଗନ କରିବା ଆଦି ବିଭିନ୍ନ ଘଟଣା ପାଇଁ ସେ ବିବାଦ ଘେରକୁ ଟାଣି ହୋଇଆସିଥିଲେ ।





**ବିବାଦ ଘେରରେ ରାଧେ ମା'**

# ସୁଖବିନ୍ଦରରୁ ରାଧେ ମା'

ରାଧେ ମା'ଙ୍କ ପ୍ରକୃତ ନାଁ ହେଉଛି ସୁଖବିନ୍ଦର କୌର । ୪ ଅପ୍ରେଲ ୧୯୬୫ ମସିହାରେ ପଞ୍ଜାବର ଗୁରୁଦାସପୁରର ଡୋରଙ୍ଗଲା ଗାଁରେ ତାଙ୍କର ଜନ୍ମ ହୋଇଥିଲା । ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ମାତ୍ର ୧୭ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା ମନମୋହନ ସିଂହ ନାମଧାରୀ ଜଣେ ବ୍ୟକ୍ତିଙ୍କ ସହିତ । ମନମୋହନ ଏକ ମିଠା ଦୋକାନରେ କାମ କରୁଥିଲେ । ତାଙ୍କର ଆୟ ବହୁତ କମ୍ ଥିଲା । ସେତେବେଳେ ଜଣେ ସାଧାରଣ ଗୃହିଣୀ ଭାବେ ସୁଖବିନ୍ଦର ସିଲାଇ କାମ କରୁଥିଲେ । ଅଧିକ



ରୋଜଗାର ଆଶାରେ ତାଙ୍କ ସ୍ୱାମୀ ବିଦେଶ ପଳାୟନ କଲେ । ସ୍ୱାମୀ ବିଦେଶ ଯିବା ପରେ ସୁଖବିନ୍ଦର କୌର ସ୍ଥାନୀୟ ପରମହଂସ ଡେରା ସହିତ ସଂପୃକ୍ତ ହେଲେ । ଆଧ୍ୟାତ୍ମିକତା ପ୍ରତି ଆକର୍ଷିତ ହେବାକୁ ଲାଗିଲେ । ୨୧ ବର୍ଷ ବୟସରେ ସୁଖବିନ୍ଦର କୌର ମହନ୍ତ ରାମଦୀନ ଦାସଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ । ମହନ୍ତ ରାମଦୀନ ତାଙ୍କୁ ୬ ମାସ ପର୍ଯ୍ୟନ୍ତ ଦୀକ୍ଷା ପ୍ରଦାନ କଲେ । ଆଧ୍ୟାତ୍ମ ଶିକ୍ଷା ଲାଭ ପରେ ରାମଦୀନ ଦାସ ତାଙ୍କୁ ରାଧେ ମା' ଉପାଧିରେ ଭୂଷିତ କଲେ । ସେହି ଦିନଠାରୁ ସେ ରାଧେ ମା' ନାମରେ ପରିଚିତ । ପରବର୍ତ୍ତୀ ସମୟରେ ସେ ମୁମ୍ବାଇ ଯାଇ ସେଠାରେ ସତ୍‌ସଙ୍ଗ ମାଧ୍ୟମରେ ଖୁବ୍ କମ୍ ଦିନରେ ପ୍ରସିଦ୍ଧି ଲାଭ କରିଥିଲେ ।


ନିଜକୁ ଆଧ୍ୟାତ୍ମିକ ସାଧିକା ଘୋଷଣା କରିଥିବା ରାଧେ ମା' ନିଜ ବେଶପୋଷାକ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର ଶୈଳୀକୁ ନେଇ ଚର୍ଚ୍ଚାରେ ରହୁଥିଲେ । ୨୦୧୫ ମସିହାରେ ସୋସିଆଲ୍ ମିଡିଆରେ ରାଧେ ମା'ଙ୍କ କିଛି ଫଟୋ ଭାଇରାଲ୍ ହୋଇଥିଲା । ଏଥିରେ ରାଧେ ମା'ଙ୍କୁ ହାତରେ ତ୍ରିଶୂଳଧାରୀ ଦେବୀଙ୍କ ଅବତାର ଭାବେ ଦେଖିବାକୁ ମିଳିଥିଲା । ଏପରିକି ସେ ଲାଲ୍ ରଙ୍ଗର ମିନି ସ୍କର୍ଟ ଏବଂ ଲାଲ ରଙ୍ଗ ବୁଟ୍ସ ପିନ୍ଧି ଥିଲେ । ତାଙ୍କର ଏହି ଫଟୋକୁ ନଇଁ ବିବାଦ ଦେଖାଦେଇଥିଲା । କେତେଜଣ ତାଙ୍କ ବିରୁଦ୍ଧରେ ଥାନାରେ ଏଫ୍‌ଆଇଆର୍ ମଧ୍ୟ ଦେଇଥିଲେ । 'ରାଧେ ଦେବୀ ମା'' ନାମକ ଏକ ଭବନ ଥିଲା । ସେହି ଭବନର ତଳ ମହଲାରେ ଏକ ବଡ଼ ହଲ୍ ଥିଲା । ଯାହାକୁ 'ମାତା ଚୌକି' କୁହାଯାଉଥିଲା । ସେଠାରେ ରାଧେ ମା' ଭକ୍ତଙ୍କୁ ଦର୍ଶନ ଦେଉଥିଲେ । ସେଠାରେ ଦେଖିବାକୁ ମିଳୁଥିଲା ରାଧେ ମା'ଙ୍କ ଦବ୍‌ଦବା । ଏକ ଷ୍ଟେଜ୍‌ରେ ରାଧେ ମା' ବଧୂ ବେଶରେ ମେକ୍‌ଅପ୍ ନେଇ ତଳକୁ ଓହ୍ଲାଇଥାନ୍ତି । ଆଉ ଝୁମି ଝୁମି ନାଚିବା ଆରମ୍ଭ କରିଦିଅନ୍ତି । ଏହାରି ଭିତରେ ଦେଖିବାକୁ ମିଳେ ଏକ ଆଶ୍ଚର୍ଯ୍ୟଚକିତ ଘଟଣା । ଯେତେବେଳେ ରାଧେ ମା' ଯଦି କୌଣସି ଭକ୍ତଙ୍କ ଉପରେ ପ୍ରସନ୍ନ ହୁଅନ୍ତି,ସେତେବେଳେ ଝୁମି ଝୁମି ତାଙ୍କ କୋଳକୁ ଡେଇଁ ପଡ଼ନ୍ତି । କୁହାଯାଏ, ଯଦି କୌଣସି ଭକ୍ତଙ୍କ କୋଳକୁ ସେ ଲମ୍ଫ ପ୍ରଦାନ କରନ୍ତି,ତାଙ୍କର ସବୁ କଷ୍ଟ ସେହି ସମୟରେ ଦୂର ହୋଇଯାଏ ।

## ଦର୍ଶନ ପାଇଁ ଲକ୍ଷାଧିକ ଟଙ୍କାର ଟିକେଟ୍

ମୁମ୍ବାଇ ଯିବା ପରେ ରାଧେ ମା' ନିୟମିତ ସତ୍‌ସଙ୍ଗ ଓ ସଚେତନତା କାର୍ଯ୍ୟକ୍ରମ କରିବାରେ ଲାଗିଲେ । ଧୀରେ ଧୀରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ହଜାର ହଜାର ଲୋକ ତାଙ୍କ ସହିତ ଯୋଡ଼ି ହେବାରେ ଲାଗିଲେ । ତାଙ୍କ ଦର୍ଶନ ପାଇଁ ଏକ ପ୍ରତିଯୋଗିତା ଲାଗି ରହୁଥିଲା ଭକ୍ତମାନଙ୍କ ଭିତରେ । ଭକ୍ତଙ୍କ ଦର୍ଶନ ନିମନ୍ତେ ଏକ ରେଟ୍ କାର୍ଡ ରହିଥିଲା । ରାଧେ ମା'ଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଟିକେଟ୍ କରିବାକୁ ପଡୁଥିଲା । ରାଧେ ମା'ଙ୍କ ଭକ୍ତଙ୍କ ମଧ୍ୟରେ କେତେକ ବଲିଉଡ୍ ସେଲିବ୍ରିଟି ମଧ୍ୟ ରହିଛନ୍ତି ।







ରାଧେ ମା'ଙ୍କୁ ନେଇ ଅନେକ ବିବାଦ ରହିଛି । କିଛି ଭକ୍ତଙ୍କୁ ସେ ଚୁମ୍ବନ ଦେବାର ଅଭିଯୋଗ ମଧ୍ୟ ରହିଛି । ପୁଣି କାହାକୁ ଆଲିଙ୍ଗନ କରିବା ତ ଆଉ କାହାକୁ କୋଳରେ ବସାଇବାର ସଙ୍ଗିନ ଅଭିଯୋଗ ରହିଛି । ଜଣେ ବ୍ୟବସାୟୀ ରାଧେ ମା' ତାଙ୍କ ବଙ୍ଗଳା ଅକ୍ତିଆର କରିଥିବାର ମଧ୍ୟ ଅଭିଯୋଗ କରିଥିଲେ । ରାଧେ ମା'ଙ୍କ ବିରୁଦ୍ଧରେ ଏଭଳି ଅନେକ ଅଭିଯୋଗ ରହିଛି । ଫଳରେ ସେ ବିବାଦ ଘେରକୁ ଟାଣି ହୋଇଆସିଥିଲେ ।

# ସାରଥି ବାବାଙ୍କ ସାମ୍ରାଜ୍ୟ

ପ୍ରମୋଦ କୁମାର ପ୍ରଧାନ, ଡେରାବିଶ

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ବାରିମୂଳଠାରେ ୨ ଏକର ପରିମିତ ଜମିରେ ପ୍ରତିଷ୍ଠା ହୋଇଛି ଏକ ବିରାଟ ଆଶ୍ରମ । ଏବେ ଖାଁ ଖାଁ ଦିଶୁଛି ଏହି ଆଶ୍ରମ । ଦିନ ଥିଲା, ଏଠାରେ ତଥାକଥିତ ଧାର୍ମିକ ଗୁରୁ ବୋଲାଉଥିବା ବାବା ସାରଥିଙ୍କ ପ୍ରବଚନ ବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିଲା । ହେଲେ ହଠାତ୍ ଘଟଣାଚକ୍ରରେ ସାରଥି ବାବା ବିବାଦ ଘେରକୁ ଟାଣି ହୋଇଆସିଥିଲେ । ଆଶ୍ରମ ପରିସର ଓ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ବାବା ସାରଥିଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଥିଲା ।



## ସୁଦୃଶ୍ୟ ଆଶ୍ରମ

ଧୀରେ ଧୀରେ ବାବାଙ୍କ ଭକ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ବାବାଙ୍କ ଶରଣାପନ୍ନ ହେବା ପାଇଁ ଏଠାକୁ ଆସିବାକୁ ଲାଗିଲେ । ଫଳରେ ଆଶ୍ରମ ମଧ୍ୟରେ ସ୍ଥାନାଭାବ ହେତୁ ଆଶ୍ରମ ଚତୁଃପାର୍ଶ୍ୱରେ ଥିବା ଜମିମାଲିକଙ୍କଠାରୁ ବହୁ ଗୁଣ ଟଙ୍କା ଦେଇ ଜମି କିଣି ଆଶ୍ରମର କଳେବରକୁ ବହୁ ଗୁଣରେ ବଢ଼ାଇ ଦିଆଗଲା । ଲକ୍ଷାଧିକ ଭକ୍ତଙ୍କ ଦାନ ଅର୍ଥରେ ଆଶ୍ରମ ପରିସରରେ ବାବାଙ୍କ ପାଇଁ ତିଆରି କରାଯାଇଥିଲା ଏକ ବିଳାସମୟ ମନ୍ଦିର, ପ୍ରବଚନ ମଣ୍ଡପ ଓ ହଜାର ହଜାର ଭକ୍ତଙ୍କ ରହିବା ପାଇଁ ଭକ୍ତନିବାସ ଇତ୍ୟାଦି । ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତଙ୍କ ପାଇଁ ଏଠାରେ ରନ୍ଧା ଯାଉଥିଲା ଅନ୍ନ ପ୍ରସାଦ ।



## ଭକ୍ତଙ୍କ ପାଇଁ ଭଗବାନ ସାରଥି ବାବା

ଭକ୍ତମାନେ ବାବା ସାରଥିଙ୍କୁ ଶ୍ରୀକୃଷ୍ଣଙ୍କ ଅବତାର ଭାବେ ପୂଜା କରୁଥିଲେ । ବାବାଙ୍କ ମହିମା ଏଭଳି ପ୍ରସାରିତ ହେଲା ଯେ, ବହୁ ଦୂରାଦୂରାନ୍ତରୁ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ବ୍ୟକ୍ତିମାନେ ବାବାଙ୍କ ଆଶୀର୍ବାଦରେ ରୋଗ ଭଲ ହେବା ପାଇଁ ଏଠାକୁ ଆସୁଥିଲେ । ଭକ୍ତଙ୍କ ମୁଖରୁ ଶୁଣିବାକୁ ମିଳୁଥିଲା ଯେ, ସାରଥି ବାବାଙ୍କ ପ୍ରବଚନ ସମୟରେ ତାଙ୍କ ହାତରୁ ବିଭୂତି ଓ ପାଦରୁ ମହୁ ଝରି ଥାଏ । ଏଥିସହିତ ଆଶ୍ରମ ପରିସରରେ ଥିବା ସିମେଣ୍ଟ ଗାଈ କ୍ଷୀର ଦେଉଥିଲା । ଜନ୍ମାଷ୍ଟମୀରେ ବାବାଙ୍କୁ ଶ୍ରୀକୃଷ୍ଣ ବେଶରେ ସଜ୍ଜିତ କରାଯାଇ ଭକ୍ତମାନେ ପୂଜାର୍ଚ୍ଚନା କରିଥାନ୍ତି । ସାଧାରଣ ଜନତାଠାରୁ ଆରମ୍ଭ କରି ଶିଳ୍ପପତି, ରାଜନେତା, ଚଳଚ୍ଚିତ୍ର ତାରକା, ବଡ଼ ବଡ଼ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ବାବାଙ୍କର ଭକ୍ତ ତାଲିକାରେ ନାମ ରହିଥିଲା ।





## ସନ୍ତୋଷ ରାଉଳରୁ ସାରଥି ବାବା

ସାରଥି ବାବା ଓରଫ୍ ସନ୍ତୋଷ ରାଉଳ । ସନ୍ତୋଷଙ୍କ ବାପା କେନ୍ଦ୍ରାପଡ଼ାରେ ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ପରିବାର କେନ୍ଦ୍ରାପଡ଼ା ସହରରେ ଏକ ଭଡ଼ାଘରେ ରହୁଥିଲେ । ସେ ସ୍ଥାନୀୟ ସ୍କୁଲ ଓ କେନ୍ଦ୍ରାପଡ଼ା କଲେଜରେ ପାଠ ପଢ଼ିଥିଲେ । କଲେଜରେ ପଢୁଥିବା ବେଳେ ସନ୍ତୋଷ ମ୍ୟାଜିକ୍ ଶିଖି ସାଙ୍ଗମାନଙ୍କୁ ଦେଖାଉଥିଲେ । ପରବର୍ତ୍ତୀ ସମୟରେ ବାରିମୂଳଠାରେ ଏକ ଛୋଟ ଚାଳଘରଟିଏ କରି ସେଠାରେ ରହି ମ୍ୟାଜିକ୍ ଦେଖାଇ ଲୋକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିଲେ । ସେ ତାଙ୍କର ସୁଲଳିତ କଣ୍ଠରେ ଗାଉଥିବା ଭଜନ ମଧ୍ୟ ଲୋକଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା । ଧୀରେ ଧୀରେ ସନ୍ତୋଷଙ୍କ ଭକ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଭକ୍ତମାନେ ତାଙ୍କୁ ବାବା ସାରଥି ନାମରେ ସମ୍ବୋଧନ କରିବାରେ ଲାଗିଲେ । ଇତିମଧ୍ୟରେ ଭକ୍ତଙ୍କ ଦାନ ଅର୍ଥରେ କୁଡ଼ିଆ ସ୍ଥାନରେ ଗଢ଼ା ହେଲା ଏକ ବଡ଼ କୋଠାଘର । ଯେଉଁଠାରେ ବାବାଙ୍କ ରହିବା ଓ ଶତାଧିକ ଭକ୍ତଙ୍କ ରହିବାର ସୁବନ୍ଦୋବସ୍ତ କରାଗଲା । ପ୍ରବଚନ ଶୁଣିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେବାରେ ଲାଗିଲା ।





## ବିବାଦରେ ସାରଥି ବାବା

ସାରଥି ବାବାଙ୍କ ହାଇଦ୍ରାବାଦ ଗସ୍ତ ଓ ଜନୈକା ଡାକ୍ତରୀ ଛାତ୍ରୀଙ୍କ ସହ ଏକ ହୋଟେଲରେ ଗୋପନ ଅଭିସାର ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ଓ ପ୍ରସାରିତ ହେବା ପରେ ବାବା ବଦନାମ ହୋଇଯାଇଥିଲେ । ହଠାତ୍ ବାବାଙ୍କ ବିରୋଧରେ ଜନମତ ସୃଷ୍ଟି ହୋଇ ବାବାଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା । ଫଳରେ ବାରିମୂଳ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ବାବାଙ୍କ ବିରୋଧରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାଘାଟ ବନ୍ଦ କରିବା ସହିତ ପୋଡ଼ାଜଳା କରିଥିଲେ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା । ଏହି ପ୍ରସଙ୍ଗକୁ ନେଇ କ୍ରାଇମ୍ବ୍ରାଞ୍ଚରେ ମାମଲା ରୁଜୁ କରାଯାଇଥିଲା । ୨୦୧୫ ମସିହା ଅଗଷ୍ଟ ୭ ତାରିଖରେ ସାରଥି ବାବାଙ୍କୁ କ୍ରାଇମ୍ବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଆଶ୍ରମ ପରିସରରୁ ଗିରଫ କରିଥିଲେ । ଧାର୍ମିକ ଆବେଗ ସୃଷ୍ଟି କରି ଭକ୍ତଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରିବା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା, ଜମି ହଡ଼ପ୍, ଆଶ୍ରମରେ ଗୁଣ୍ଡା ରଖି ଲୋକଙ୍କୁ ଭୟଭୀତ କରାଇବା ତଥା ରାଜ୍ୟ ବାହାରକୁ ଯାଇ ବିଳାସ କରିବା ଆଦି ଅଭିଯୋଗରେ କ୍ରାଇମ୍ବ୍ରାଞ୍ଚ ତାଙ୍କୁ ଗିରଫ କରିଥିଲା । ବାବା ସାରଥି ଏହି ମାମଲାରେ ବର୍ଷାଧିକ କାଳ ଜେଲ୍ ରହିବା ପରେ କେନ୍ଦ୍ରାପଡ଼ା ତଥା ବାରିମୂଳର ଆଶ୍ରମ ପରିସରକୁ ନଯିବା ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଚନ ଓ ଧାର୍ମିକ ସଭା ଇତ୍ୟାଦି ନକରିବା ସର୍ତ୍ତରେ ବାବାଙ୍କୁ ଜାମିନ ମିଳିଛି । ବାବା ଏବେ ଗୋପନରେ ଜିଲ୍ଲା ବାହାରେ ରହୁଛନ୍ତି ବୋଲି ଶୁଣିବାକୁ ମିଳିଛି । ତେବେ ବାବାଙ୍କ ଭକ୍ତଙ୍କ ସଂଖ୍ୟା ଏବେ ହାତଗଣତିରେ ପହଞ୍ଚିଛି । ■



# ବାନା ବାବାଙ୍କ ସାମ୍ରାଜ୍ୟ ପତନ

ଅରୁଣାଭ କର, କୋଣାର୍କ

**ଏକଦା ପୁରୀ ଜିଲ୍ଲା କୋଣାର୍କ ନିକଟ ପୁରାଣ ପ୍ରସିଦ୍ଧ ଦର୍ଶନୀବନ୍ତ ଉପରେ ନିଜର ସାମ୍ରାଜ୍ୟ ବିସ୍ତାର କରିଥିବା ବାନାମ୍ବର ବାବାଙ୍କ ବିଶାଳ ସାମ୍ରାଜ୍ୟର ପତନ ହୋଇଛି । ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ୨୨ ଏକର ଜମି ଉପରେ ପ୍ରତିଷ୍ଠିତ 'ଶ୍ରୀଜଗନ୍ନାଥ କଲ୍କୀ ଯୋଗ ଆଶ୍ରମ'ରେ ବର୍ଷତମାମ ଚାଲିଥିଲା ନାମଯଜ୍ଞ । ଶହଶହ ଭକ୍ତଙ୍କ ସମାଗମ ଲାଗି ରହୁଥିଲା । କିନ୍ତୁ ଏବେ ସେ ସମୟ ଆଉ ନାହିଁ । ଅନୈତିକ ଉପାୟରେ କୋଟି କୋଟି ଟଙ୍କା ବିନିଯୋଗ କରି ଜଙ୍ଗଲ ଜମିରେ ବାନା ବାବା ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ନିର୍ମାଣ କରିଥିଲେ । ପ୍ରଭାବଶାଳୀ ରାଜନେତା, ପ୍ରାଶାସନିକ ଅଧିକାରୀଙ୍କ ସମର୍ଥନ ଓ ସରକାରୀ ଅନୁଦାନରେ ବାନା ବାବା ଏହି କୋଠା ନିର୍ମାଣ କରିଥିଲେ । ବାନା ବାବାଙ୍କର ରହିଥିଲା ୧୦ଟିରୁ ଅଧିକ ଯାନବାହନ । ଜଙ୍ଗଲ ଜମି ସମେତ ଗୋଧନପଡ଼ାର ଶ୍ମଶାନ, ରାସ୍ତା, ଅନାବାଦି, ଗୋଚର ଏବଂ କେତେକ ଗରିବ ଲୋକଙ୍କ ସ୍ଥିତିବାନ ଜମିକୁ ବାନା ବାବା ଅକ୍ତିଆର କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ବାନା ବାବା ଓ ତାଙ୍କ ସହଯୋଗୀଙ୍କ ନାମରେ ବନ ବିଭାଗ ପକ୍ଷରୁ ୭ଟି ଜବରଦଖଲ ମାମଲା ରୁଜୁ ହୋଇଥିଲା ।**

## ବାନାରୁ ବାନା ବାବା

କୋଣାର୍କ ଥାନା ଅନ୍ତର୍ଗତ ଗୋଧନପଡ଼ାର ଲଛମନ ମହାରଣାଙ୍କ ପୁଅ ବାନାମ୍ବର ବେହେରା ଓରଫ୍ ବାନା ଜଣେ ମେଧାବୀ ଛାତ୍ର ଥିଲେ। ସେ ନିଜ ଗ୍ରାମ ସଂଲଗ୍ନ ବାଲିଦୋକାନ ବଜାରରେ ଗୋଟିଏ ମେଡିସିନ୍ ଷ୍ଟୋର ଖୋଲିଥିଲେ। ଏଥିରେ ବେପାର ନହେବାରୁ ସେ ଅତ୍ୟନ୍ତ ଚିନ୍ତିତ ଥିଲେ। ୧୯୯୨ ମସିହାରେ ବାଲିବନ୍ତ ଉପରେ ଏକ କୁଡ଼ିଆରେ ସେ ଯୋଗ ସାଧନା କରୁଥିଲେ। ବାନା ବାବା ମାସ ମାସ ଧରି ଉପବାସରେ ସମୟ ବିତାଉଥିବା ପ୍ରଚାର ହେବାପରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ସୁଅ ଛୁଟିଥିଲା। ସେ ପ୍ରାରମ୍ଭରୁ ଆଶ୍ରମରେ କାଳୀଙ୍କ ମୂର୍ତ୍ତି ରଖି ପୂଜା କରୁଥିଲେ। ପରବର୍ତ୍ତୀ ସମୟରେ ନିଜକୁ ପର୍ଶୁରାମଙ୍କ ଅବତାର ବୋଲି ପରିଚୟ ଦେଲେ। ବାନା ବାବା କ୍ଷୀରରେ ଗାଧୋଇବା ପରେ ସେହି କ୍ଷୀରରେ ପ୍ରସ୍ତୁତ ହେଉଥିବା ପ୍ରସାଦକୁ ଭକ୍ତମାନଙ୍କୁ ସେବନ ନିମନ୍ତେ ଦିଆଯାଉଥିବା ଅଭିଯୋଗ ହୋଇଥିଲା।

## ଆଶ୍ରମ ଛାଡ଼ି ପଳାୟନ

୨୦୧୦ ମସିହାରୁ ବାନାବାବାଙ୍କ ବିରୁଦ୍ଧରେ ଜଙ୍ଗଲ ଜମି ଜବରଦଖଲ ସମେତ ଅନ୍ୟାନ୍ୟ ଅଭିଯୋଗ ପ୍ରଶାସନ ନିକଟରେ ହୋଇଥିଲା। ୨୦୧୫ ଅଗଷ୍ଟ ୨୨ ତାରିଖରେ ଆଶ୍ରମ ପରିସରକୁ ଖବର ସଂଗ୍ରହ ନିମନ୍ତେ ଯାଇଥିବା ୩ଜଣ ସାମ୍ବାଦିକଙ୍କୁ ବାନାବାବାଙ୍କ ସହଯୋଗୀମାନେ ମାଡ଼ ମାରିଥିଲେ। ଏହି ଘଟଣାରେ ପୁଲିସ ବାନାବାବାଙ୍କ ସମେତ ତାଙ୍କର ଘନିଷ୍ଠ ସହଯୋଗୀ ସତ୍ୟରଞ୍ଜନ ପାଢ଼ୀ, ଦୁର୍ଦ୍ଦାନ୍ତ ଅପରାଧୀ ବୁଟୁ ଓ ଜ୍ଞାନ ରଞ୍ଜନ ବିଶ୍ୱାଳଙ୍କ ନାମରେ ମାମଲା ରୁଜୁ କରିଥିଲା। ଏପରିକି ଗୋଧନପଡ଼ା ଗ୍ରାମର ଦୁଇଜଣ ମହିଳା ବାବାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଥିଲେ। ଏଥିରେ ବାବାଙ୍କ ଅନୁଗାମୀମାନେ କ୍ଷୁବ୍ଧ ହୋଇ ଗୋଧନପଡ଼ାର କେତେକ ଗ୍ରାମବାସୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ଗୋଧନପଡ଼ା ଗ୍ରାମବାସୀ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ବନ ବିଭାଗ ନିର୍ଦ୍ଦେଶକ୍ରମେ ୩ ତାରିଖରେ ସେସୁ ପକ୍ଷରୁ ଆଶ୍ରମର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ଶେଷରେ ୨୦୧୫ ସେପ୍ଟେମ୍ବର ୪ ତାରିଖ ରାତିରେ ବାନା ବାବା କଲ୍କୀ ଆଶ୍ରମ ଛାଡ଼ି ପଳାୟନ କରିଥିଲେ ।

ଏବେ ବାନା ବାବା ନିକଟସ୍ଥ ଗୁହାଳପୁର ମୌଜାର ନିଜସ୍ୱ ଜମିରେ ଆଶ୍ରମ ପ୍ରତିଷ୍ଠା କରିଛନ୍ତି। ବାବା ଏବେ ପ୍ରାୟ ୫୦ ଡିସିମିଲି ଜମି ଉପରେ ସାଧାରଣ ଛାମୁଣ୍ଡିଆ ତଥା କୁଡ଼ିଆ ଘରମାନ କରି ଆଶ୍ରମ ପରିସରରେ ଫୁଲଫଳ ବଗିଚା ସୃଷ୍ଟି କରିଛନ୍ତି। ବର୍ତ୍ତମାନ ଅଳ୍ପ ସଂଖ୍ୟକ ଭକ୍ତ ତାଙ୍କ ପାଖକୁ ଯିବା ଆସିବା କରୁଛନ୍ତି।





# ବିବାଦୀୟ ସୁର ବାବା





ଓଡ଼ିଶାର ଆଉ ଜଣେ ବିବାଦୀୟ ବାବା ଥିଲେ ସୁରେନ୍ଦ୍ର ମିଶ୍ର ଓରଫ୍ ସୁର ବାବା। ଭୁବନେଶ୍ୱରର ବାଲିଅନ୍ତା ଥାନା ଅନ୍ତର୍ଗତ ଝିଣ୍ଟିରେ ରହିଛି ତ୍ରାହି ଅଚ୍ୟୁତ ନଗର। ୨୦୧୧ ମସିହାରୁ ବିଡିଏ ଅଧୀନକୁ ଆସିଛି ବାଲିଅନ୍ତା ଥାନା। ସେଥିପାଇଁ ସେହି ଅଞ୍ଚଳରେ ଘର ତିଆରି ପାଇଁ ବିଡିଏଠାରୁ ପ୍ଲାନ୍ ଆପ୍ରୁଭାଲ ଆବଶ୍ୟକ। କିନ୍ତୁ ବିଡିଏଠାରୁ ପ୍ଲାନ୍ ଆପ୍ରୁଭାଲ୍ ନ ନେଇ ଏହି ଅଞ୍ଚଳରେ ବେଆଇନ ଭାବେ ଅନେକ ଘର ତିଆରି କରାଯାଇଥିଲା। ତ୍ରାହି ଅଚ୍ୟୁତ ଆଶ୍ରମର ସୁର ବାବା ଏହି ଘରଗୁଡ଼ିକ ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ଡୁପ୍ଲେକ୍ସ ନିର୍ମାଣ କରି ଏହା ବିଭିନ୍ନ ଲୋକଙ୍କୁ ବିକ୍ରି କରାଯାଇଥିଲା। ବେଆଇନ୍ ଘର ନିର୍ମାଣ ଅଭିଯୋଗରେ ସୁର ବାବା ବିବାଦ ଘେରକୁ ଟାଣି ହୋଇଆସିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଜମି ଜବରଦଖଲ ଓ ମହିଳାଙ୍କୁ ନିର୍ଯାତନା ଅଭିଯୋଗ



ତ୍ରାହି ଅଚ୍ୟୁତ ଆଶ୍ରମ ନାଁରେ ସୁର ବାବା ଜମି ଜବରଦଖଲ ଓ ସଂପତ୍ତି ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଜଣେ ମହିଳା ସୁର ବାବାଙ୍କ ନାଁରେ ଯୌନ ନିର୍ଯାତନା, ମାନସିକ ଓ ଶାରୀରିକ ନିର୍ଯାତନା ଅଭିଯୋଗ ଆଣି ବାଲିପାଟଣା ଥାନାରେ ଏଫ୍ଆଇଆର୍ ଦେଇଥିଲେ। ବିଭିନ୍ନ ବିବାଦରେ ଛନ୍ଦି ହେବା ପରେ ୨୦୧୫ ମସିହାରେ ସୁର ବାବା ଗିରଫ ହୋଇଥିଲେ। ଏପରିକି ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ସେପଟେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା, ଧମକଚମକ ଦେବା, ବେଆଇନ ଅଟକ ରଖିବା ଆଦି ଅଭିଯୋଗରେ ତାଙ୍କ ଦୁଇ ପୁଅଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ସେତେବେଳେ ସୁର ବାବା ଓ ତ୍ରାହି ଅଚ୍ୟୁତ ଆଶ୍ରମକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଥିଲା। ପରବର୍ତ୍ତୀ ସମୟରେ ତ୍ରାହି ଅଚ୍ୟୁତ ନଗରରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଘରଗୁଡ଼ିକୁ ବିଡିଏ ପକ୍ଷରୁ ବୁଲଡୋଜର୍ ଲଗାଇ ଭାଙ୍ଗି ଦିଆଯାଇଥିଲା। ତେବେ ୨୦୨୦ ମସିହାରେ ଶାରୀରିକ ଅସୁସ୍ଥତା ଯୋଗୁଁ ବହୁ ଚର୍ଚ୍ଚିତ ସୁର ବାବାଙ୍କ ଦେହାନ୍ତ ହୋଇଯାଇଛି।





# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ବର୍ଷ ଶେଷରେ ନବ କଳେବର

ରାଜ୍ୟ ରାଜନୀତିରେ ହାତ ପାର୍ଟି ଆଗାମୀ ଦିନରେ ଯେ ବଡ଼ ଭୂମିକା ନେବାକୁ ଯାଉଛି ତାହା ଜଳଜଳ ଦିଶୁଛି। ଭୋଟ ହାର ହ୍ରାସ ସତ୍ତ୍ୱେ ବିଧାନସଭାରେ ଦଳର ଆସନ ସଂଖ୍ୟା ବୃଦ୍ଧି ଓ ପରବର୍ତ୍ତୀ ସମୟରେ ଘଟିଥିବା ଘଟଣାକ୍ରମ ଦଳକୁ ଚର୍ଚ୍ଚାର ପରିଧିରେ ରଖିଛି । ଦଳର ଜାତୀୟ ନେତୃତ୍ୱ ମଧ୍ୟ ଓଡ଼ିଶାରେ ସଙ୍ଗଠନ ମଜବୁତ କରିବାକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ଅବଶ୍ୟ ମାଷ୍ଟରକ୍ୟାଣ୍ଟିନ ମଠଟା ଦିଲ୍ଲୀ ମୁଖ୍ୟ ମଠର ଅଥରାଇଜ୍ ଫ୍ରାଞ୍ଚାଇଜି । ସେଠୁ ଯେଉଁ ନିର୍ଦ୍ଦେଶ ଆସିବ, ଏଠି ତାହା ଅକ୍ଷରେ ଅକ୍ଷରେ ପାଳନ ହେବ । ସେଇଥିପାଇଁ କୁଆଡ଼େ ଓଡ଼ିଶା ରାଇଜରେ ମଠର ପତିଆରା କମୁଛି ବୋଲି କିଛି ଅବୋଲକରା ଶିଷ୍ୟ ବେଳେବେଳେ ବୁମ୍ ଆଗରେ ମତ ରଖୁଛନ୍ତି । ତା' ଛଡ଼ା ଓଡ଼ିଶାରେ ତ ହାତ ରାଜନୀତିର ପାଣିପାଗ ସମ୍ପୂର୍ଣ୍ଣ ଅଲଗା। ଏଠି ଦଳର ନେତାମାନେ ନିଜକୁ ସୁହାଉଥିବା ଲୋକଙ୍କୁ ଡ଼ାକିଆଣି ମଠାଧୀଶ କରନ୍ତି, ଆଉ କେଇଟା ଦିନ ପରେ ତାଙ୍କ ମୁଣ୍ଡରୁ ପଗଡ଼ି ଭିଡ଼ିବାକୁ ଦିଲ୍ଲୀରେ ଡେରା ପକାନ୍ତି। ଫଳରେ ଜଣକ ପରେ ଜଣେ ମହନ୍ତ ବଦଳି ଚାଲିଛନ୍ତି ସିନା, ମଠର ଭାଗ୍ୟ ବଦଳୁ ନାହିଁ। ଓଡ଼ିଶାରେ ଦିଲ୍ଲୀ ନେତୃତ୍ୱ ଅନେକ ପରୀକ୍ଷାନିରୀକ୍ଷା କରିବା ସତ୍ତ୍ୱେ ସଫଳ ହୋଇପାରି ନାହାନ୍ତି। ତେଣୁ ଏଥର କୁଆଡ଼େ ଓଡ଼ିଶା ଲୋକଙ୍କ ପରାମର୍ଶରେ ମଠାଧୀଶ ନିଯୁକ୍ତି ହେବେ। ବାରମ୍ବାର ନିର୍ବାଚନରେ ଅକୃତକାର୍ଯ୍ୟ ହୋଇଥିବା ପ୍ରଭାବହୀନ ନେତାମାନଙ୍କୁ ଉପଦେଷ୍ଟା ନିଯୁକ୍ତ କରି ସେମାନଙ୍କ ସ୍ଥାନରେ ଯୁବ ନେତୃତ୍ୱ ଓ ନୂଆ ମୁହଁକୁ ଗୁରୁତ୍ୱ ଦେବେ। ଏହି ଯୋଜନାନୁସାରେ ବର୍ଷ ଶେଷ ଆଡ଼କୁ ଓଡ଼ିଶାରେ ହାତ ମଠର ପୁରା ନବ କଳେବର ହେବ ଓ ନୂଆ ମଠାଧୀଶଙ୍କୁ ଦେଖିବାକୁ ମିଳିବ। ଆଉ ଯେବେଠାରୁ ଏହି ଖବର ମଠରେ ପହଞ୍ଚିଲାଣି, ସେବେଠାରୁ ମହନ୍ତ ଶରତଙ୍କର ଆରମ୍ଭ ହୋଇଛି ଶିରପୀଡ଼ା। ■



## ପାଣିଗ୍ରାହୀଙ୍କ ମନ ଚାଳିଶା ପାଠ

ସାନିଟାଇଜର ପାଣି ଓରଫ୍ ଦେବଗଡ଼ର ପଦୁଅଁ ନେତା ସୁବାସ ଏବେ ବଡ଼ ବିମର୍ଷ । ନିର୍ବାଚନ ବୈତରଣୀ ପାର ହେବା ପାଇଁ ସେ ଅନେକ କାମ କରିଥିଲେ। ବିଧାନସଭାରେ ଚର୍ଚ୍ଚାରେ ରହିବା ପାଇଁ ସାନିଟାଇଜର ନାଟକ କଲେ। ନିଜ ଅଞ୍ଚଳ ରାଜନୀତିରେ ତିଷ୍ଠି ରହିବାକୁ ନିଜ ଦଳର ସାଂସଦଙ୍କୁ ବିରୋଧ କଲେ, ସମୟ ସୁବିଧା ପାଇ ରାଣୀଙ୍କ ଚେର କାଟିଲେ । ତାଙ୍କୁ ବିରୋଧ କରୁଥିବା ଲୋକଙ୍କୁ ସାବାଡ଼ କଲେ ; ପାଚେରୀ ଭାଙ୍ଗିଲେ, ଅଫିସରଙ୍କୁ ଧମକାଇଲେ। ତଥାପି ଦେବଗଡ଼ବାସୀ ତାଙ୍କୁ ବିଶ୍ୱାସ କଲେ ନାହିଁ, ଓଲଟି ନିର୍ବାଚନରେ ତାଙ୍କୁ ଏଡ଼ାଇ ଶଙ୍ଖ ରୋମାଞ୍ଚଙ୍କ ଉପରେ ଆସ୍ଥା ସ୍ଥାପିଲେ। ନିର୍ବାଚନ ପରାଜୟର ଅବିଶ୍ୱାସ୍ୟ ଦୁଃଖକୁ ସୁବାସ କୁଆଡ଼େ ଏଯାଏ ଭୂଲି ପାରୁ ନାହାନ୍ତି କି ପରାଜୟର ହ୍ୟାଙ୍ଗଓଭରରୁ ବାହାରି ପାରୁ ନାହାନ୍ତି। ନିଜର ରୋମାଞ୍ଚକ ପରାଜୟ ପାଇଁ କାହାକୁ ଦାୟୀ କରିବେ ତାହା ବି ଭାବି ପାରୁନାହାନ୍ତି । ପତିଆରା ଫେରି ପାଇବାକୁ ସଂଖ୍ୟାଧିକ ଦେବଗଡ଼ବାସୀଙ୍କ ଅରାଧ୍ୟ ଅଗ୍ରପୂଜ୍ୟ ଗଣେଶଙ୍କ ନୀତି ଧରିବାକୁ ପାଣିଗ୍ରାହୀ ଏବେ ନିଷ୍ପତ୍ତି ନେଇଛନ୍ତି। ଗଣେଶ ଯେପରି ଶିବ ପାର୍ବତୀଙ୍କ ଚାରିପଟେ ବୁଲି ବ୍ରହ୍ମାଣ୍ଡ ପରିକ୍ରମଣ କରିଥିବା ପ୍ରମାଣ କରିଥିଲେ, ସେପରି ଏବେ ସୁବାସ ରାମମନ୍ଦିର ଆଖଡ଼ା ମୁଖ୍ୟ କୁସ୍ତିଆଳ ମନମୋହନଙ୍କ ଚତୁଃପାର୍ଶ୍ୱର ପରିକ୍ରମା ସହ ମନ ଚାଳିଶା ପାଠ କରିବା ଆରମ୍ଭ କରିଛନ୍ତି । ନିଜ ଅଞ୍ଚଳରେ ନିଜ ପତିଆରା ବଞ୍ଚାଇ ରଖିବାକୁ ହେଲେ ପଦଟିଏ ଓ ପଦ ପାଇବାକୁ ହେଲେ ସୁପାରିସ ଲୋଡ଼ା। ଆଉ କେବଳ ମନମୋହନ ହିଁ ଏହା କରିପାରିବେ ବୋଲି ସୁବାସ କୁଆଡ଼େ ମର୍ମେମର୍ମେ ଅନୁଭବ କରିଛନ୍ତି । ଗଣେଶ ପୂଜା ବେଳକୁ ମନମୋହନଙ୍କ ପେଡ଼ିରୁ ମୁଆଁଟିଏ ଧରି ଦେବଗଡ଼ ଫେରିବେ ବୋଲି କୁଆଡ଼େ ସିଏ ଶପଥ କରିଛନ୍ତି । ■



## ସବୁଠୁ ଚର୍ଚ୍ଚାରେ ନିତ୍ୟାନନ୍ଦ

ପଦ୍ମ ସରକାରରେ ଏବେ ମୁଖ୍ୟମନ୍ତ୍ରୀ ମୋହନଙ୍କୁ ଛାଡ଼ିଦେଲେ ଚାରିଗଣ୍ଡା ମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ରାଜ୍ୟର ମୁଖିଆ, ତେଣୁ ସେ ଚର୍ଚ୍ଚାରେ ରହିବା ଏକ ସ୍ୱାଭାବିକ ବ୍ୟାପାର। ନିକଟରେ ରଥଯାତ୍ରା ଓ ରତ୍ନଭଣ୍ଡାର ସ୍ଥାନାନ୍ତର ପାଇଁ ଆଇନମନ୍ତ୍ରୀ ବି କିଛି ପରିମାଣରେ ଚର୍ଚ୍ଚା ପରିଧିରେ ରହିଛନ୍ତି । ମାତ୍ର ଏହି ଦୁଇ ମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ସବୁଠୁ ଚର୍ଚ୍ଚାରେ ଅଛନ୍ତି ବାବୁ ନିତ୍ୟାନନ୍ଦ । ତାଙ୍କୁ ଦେଖିବାମାତ୍ରେ ବୁମ୍‌ଧାରୀମାନେ ଆନନ୍ଦରେ କୁତୁକୁତୁ । ବିଚରା ନିତ୍ୟାନନ୍ଦ ନିରୀହ ପ୍ରାଣୀ । ଏତେ କଥା ସିଏ ବୁଝିବେ କେଉଁଠୁ ? ମଦ ବନ୍ଦଠାରୁ ଆରମ୍ଭ କରି ବସ୍ ଓ କ୍ଷୀର ପ୍ୟାକେଟ୍‌ରେ ଗେରୁ ରଙ୍ଗ, ସ୍କୁଲ ବହିଠାରୁ ଆରମ୍ଭ କରି ପିଲାଙ୍କ ପୋଷାକ, ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ ଯିଏ ଯାହା ପଚାରିଲା, ତାହାର ଉତ୍ତର ନିତ୍ୟାନନ୍ଦଙ୍କଠାରୁ ମିଳିଯାଉଛି । ଏହା ପରେ ଟିଭିରୁ ଖବରକାଗଜ ସବୁଠି ନିତ୍ୟାନନ୍ଦ ଦୃଶ୍ୟମାନ। ମାତ୍ର ନିତ୍ୟାନନ୍ଦଙ୍କ ଏହି ନିତ୍ୟ କାହାଣୀକୁ ନେଇ ତାଙ୍କର କିଛି ସହଯୋଗୀ ମନ୍ତ୍ରୀ ଖପ୍ପା । ତାଙ୍କ ପାଇଁ ସରକାର ଅଡୁଆରେ ପଡୁଛନ୍ତି ବୋଲି କେହିକେହି କୁଆଡ଼େ ମୁଖିଆଙ୍କ ନିକଟରେ ଫେରାଦ ହୋଇଥିବା ଖବର ଉଡ଼ିବୁଲୁଛି । ଏଥିରେ କେତେ ସତ କେତେ, ଖାଦ କେତେ ତାହା ଆମକୁ ଜଣା ନାହିଁ। ମାତ୍ର ସର୍ବଦା ସବୁ ପ୍ରଶ୍ନର ଉତ୍ତର ପ୍ରଦାନ ତାଙ୍କ ପାଇଁ ଭବିଷ୍ୟତରେ ଅଡୁଆ ହେବାର ଆଶଙ୍କା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦଳର ଅଠସ୍ତରୀ ବିଧାୟକଙ୍କ ମଧ୍ୟରୁ ଅଧିକାଂଶ ନିତ୍ୟାନନ୍ଦଙ୍କ ପରି ନୂଆ ସିନା; ମନ୍ତ୍ରୀ ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ତ ପାଞ୍ଚ ଡ଼ଜନ । ଟିକିଏ ଓଲମ ବିଲମ ହେଲେ ପାଦତଳୁ ମାଟି ଓଟାରି ନେବାକୁ ଦଳରେ ବି କିଛି କମ୍ ଲୋକ ନାହାନ୍ତି। ଏ କଥା ବାବୁ ନିତ୍ୟାନନ୍ଦଙ୍କୁ ବୁଝାଇବ କିଏ? ■



## ଲୋକଙ୍କ ନେତା ସୁଦର୍ଶନ

ଗତ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପରେ ଆକସ୍ମିକ ଭାବରେ ଅଖ୍ୟାତରୁ ବିଖ୍ୟାତ ମଣିଷରେ ପରିଣତ ହୋଇଛନ୍ତି ସୁଦର୍ଶନ। ଜଣେ ସାଧାରଣ ଦିନ ମଜୁରିଆରୁ ଜିଲ୍ଲା ପରିଷଦ ସଭ୍ୟ ଓ ପରବର୍ତ୍ତୀ ସମୟରେ ବିଧାୟକ ରୂପେ ନିର୍ବାଚିତ ସୁଦର୍ଶନ ଏବେ ରେଙ୍ଗାଲିବାସୀଙ୍କ ଆଦର୍ଶ । ନିଜର ଘନିଷ୍ଠ ନିକଟ ଆତ୍ମୀୟଙ୍କ ପରଲୋକରେ ମ୍ରିୟମାଣ ହୋଇ ପଡ଼ିଥିବା ସମୟରେ ମଧ୍ୟ ସେ ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ ସେମାନଙ୍କ ଦୁଆରେ ପହଞ୍ଚି ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି; ସେଥିପାଇଁ ଅଞ୍ଚଳବାସୀ ବେଶ୍ ଗର୍ବିତ । ସୁଦର୍ଶନଙ୍କ ପ୍ରଶଂସାରେ ସ୍ଥାନୀୟ ଲୋକମାନେ ଶତମୁଖ ହୋଇଥିଲେ ହେଁ ସୁଦର୍ଶନ ନିର୍ବିକାର । ଶଙ୍ଖପତି ନବୀନଙ୍କ ଆଦର୍ଶ ଓ ତାଙ୍କର ବାକ୍ୟକୁ ଗୁରୁମନ୍ତ୍ର ଭାବରେ ଗ୍ରହଣ କରି ନିଜ କାମ କରି ଚାଲିବା ଉପରେ ସେ କେବଳ ଗୁରୁତ୍ୱ ଦେଇ ଚାଲିଛନ୍ତି । ନିର୍ବାଚନ ଫଳ ପ୍ରକାଶର ଗୋଟିଏ ମାସ ମଧ୍ୟରେ ସେ ପ୍ରାୟ ପାଞ୍ଚ ଥର ନବୀନ ନିବାସ ଆସିଛନ୍ତି । ନିଜ ପତ୍ନୀ ଓ ପିଲାଙ୍କ ସହ ଆସି ଶଙ୍ଖପତିଙ୍କ ଆଶୀର୍ବାଦ ନେଇଛନ୍ତି। ଲୋକଙ୍କ ସେବା ନିମନ୍ତେ ନବୀନଙ୍କ ପରାମର୍ଶକୁ ଗୁରୁ ମନ୍ତ୍ର ମନେ କରି କାର୍ଯ୍ୟ କରି ଚାଲିଛନ୍ତି । ଲୋକଙ୍କ ସହ ଯୋଡ଼ି ହୋଇ ରହିବାକୁ ନବୀନଙ୍କ ପରାମର୍ଶକୁ ସେ ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଛନ୍ତି। ସୁଦର୍ଶନ ମାତ୍ର ଯୁକ୍ତ ଦୁଇ ଯାଏ ପାଠ ପଢ଼ିଛନ୍ତି; ମାତ୍ର ଜୀବନ ତାଙ୍କୁ ଯେଉଁ ଶିକ୍ଷା ଦେଇଛି, ସମୟ ଯେଉଁ ଜ୍ଞାନ ଦେଇଛି, ତାହା ତାଙ୍କୁ ଭଲ ମଣିଷଙ୍କୁ ଚିହ୍ନିବାର ସାମର୍ଥ୍ୟ ଦେଇଛି। ବିଧାୟକ ଭାବେ ଶପଥ ନେବା ପରେ ସୁଦର୍ଶନ ଗାଁକୁ ଗାଁ ବୁଲି ଲୋକଙ୍କୁ ନିଜର କୃତଜ୍ଞତା ଜଣାଉଛନ୍ତି; ସେମାନଙ୍କର ସମସ୍ୟା ପଚାରି ବୁଝୁଛନ୍ତି । ସେଥିପାଇଁ ରେଙ୍ଗାଲି ଅଞ୍ଚଳବାସୀଙ୍କ ପାଇଁ ସେ ପାଲଟି ଯାଇଛନ୍ତି ଲୋକଙ୍କ ନେତା । ■

**ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।**